# ଓଡ଼ିଶା ପାଇଁ
# ଧାନ ଓ ପରିବା ଫସଲର
# ଜୈବିକ ପ୍ରକ୍ରିୟା


ଉପେନ୍ଦ୍ର କୁମାର

ରଶ୍ମିତା ରାଣୀ ରଥ

ଲକ୍ଷ୍ମୀପ୍ରିୟା ଦାଶ

ଗାୟତ୍ରୀ ସିହ୍ନା

Citation

Kumar U, Rath RR, Dash L and Sinha G. (2026).

**Organic Package of Practices of Rice and Vegetables for Odisha (In Odia).**

"CRRI Extension Bulletin No.32"

ICAR - Central Rice Research Institute,

Cuttack - 753006, Odisha.

Funded by:

Production, Popularization and Supply of Quality Bioinoculants for Rice-based Cropping and Farming System of Odisha (EAP 416).

Published by:

Director, ICAR-Central Rice Research Institute,

Cuttack


April, 2026

Laser types & printed by:

Print-Tech Offset Pvt. Ltd, Bhubaneswar

# ବିଷୟ ବସ୍ତୁ


| କ୍ରମିକ ସଂଖ୍ୟା | ବିଷୟ | ପୃଷ୍ଠା ସଂଖ୍ୟା |
|---|---|---|
| ୧ | ଉପକ୍ରମ | ୫ |
| ୨ | ଧାନ | ୬ |
| ୩ | ଓ. ଏସ.ଆର.ସି. | ୧୩ |
| ୪ | ଟମାଟୋ | ୧୬ |
| ୫ | ବାଇଗଣ | ୧୯ |
| ୬ | ଲଙ୍କା | ୨୧ |
| ୭ | କଖାରୁ | ୨୩ |
| ୮ | କନ୍ଦମୂଳ | ୨୫ |
| ୯ | ହଳଦୀ | ୨୭ |
| ୧୦ | ଅଦା | ୩୦ |



# ଉପକ୍ରମ

ଧାନ ଭାରତ ର ୬୫% ଜନସଂଖ୍ୟା ର ପ୍ରଧାନ ଖାଦ୍ୟ ଅଟେ, ଏହାର ଚାଷ କ୍ଷେତ୍ର ପ୍ରାୟ ୪୪.୬ ନିୟୁତ ହେକ୍ଟର ଅଟେ । ଏହାର ଚାଷ ପାଇଁ ବିପୁଳ ପରିମାଣରେ କୀଟନାଶକ ବ୍ୟବହୃତ ହେଉଅଛି ଏବଂ ଧାନ ଚାଷ ପାଇଁ କୀଟନାଶକ ପାଇଁ ବାର୍ଷିକ ଖର୍ଚ୍ଚ କପା ବ୍ୟତୀତ ଅନ୍ୟ ସବୁ ଫସଲ ଠାରୁ ଅଧିକ। କୃଷି ଏବଂ ପ୍ରକିୟା କୃତ ଖାଦ୍ୟ ପଦାର୍ଥ ରପ୍ତାନି ବିକାଶ ଏଜେନସି (APEDA) ଏବଂ ଅଂଶଗ୍ରହଣକାରୀ ଗ୍ୟାରେଣ୍ଟି ସିଷ୍ଟମ (PGS), ଭାରତ ର ଧାନ କ୍ଷେତ୍ରକୁ ଜୈବିକ ଧାନ ଉତ୍ପାଦନ ତଥା ରପ୍ତାନି କରିବାକୁ ଉତ୍ସାହିତ କରୁଅଛି, ବିଶେଷ କରି ବସୁମତୀ ଏବଂ ଅନ୍ୟାନ୍ୟ ନାଲି ଚାଉଳ, ଇଉରୋପିଅ ଦେଶ ତଥା ଘରୋଇ ବ୍ୟବହାର ଓ ମାର୍କେଟିଂ ପାଇଁ କୃଷି ମନ୍ତ୍ରଣାଳୟ ଏବଂ କୃଷକ କଲ୍ୟାଣ, ଭାରତ ସରକାର ପରମ୍ପରାଗତ କୃଷି ବିକାଶ ଯୋଜନା (PKVY) ଏବଂ ଉତ୍ତର ପୂର୍ବ ଅଞ୍ଚଳ (MOVCD-NER) ପାଇଁ ମିଶନ ଜୈବିକ ଶୃଙ୍ଖଳା ବିକାଶ ମାଧ୍ୟମରେ ପ୍ରୋତ୍ସାହିତ କରୁଅଛି । ସେହ ଭଳି ପ୍ରତ୍ୟେକ ଭାରତୀୟ ଖାଦ୍ୟ ରେ ପନିପରିବା ପ୍ରତିଦିନ ର ଆବଶ୍ୟକତା ଅଟେ । ଜାତୀୟ ପୁଷ୍ଟିକର ମନିଟରିଙ୍ଗ ବ୍ୟୁରୋ (NNMB) ଦ୍ୱାରା ସହରାଞ୍ଚଳର ପୁଷ୍ଟିକର ଖାଦ୍ୟର ମୂଲ୍ୟାଙ୍କନ ପାଇଁ ଏକ ଦେଶ ବ୍ୟାପୀ ଅଧ୍ୟୟନ କେବଳ ଦେଶର ୧୬ ଟି ରାଜ୍ୟରେ ଖାଦ୍ୟ ବ୍ୟବହାର ରେ ଏକ ବିବିଧତା ଦେଖାଏ ନାହିଁ ବରଂ ଭାରତୀୟ ମାନେ ସୁପାରିଶ କରିଥିବା ପରିମାଣ ଠାରୁ ବହୁ କମ ପରିମାଣ ରେ ପୁଷ୍ଟିକର ଏବଂ ଗୁରୁତ୍ୱପୂର୍ଣ୍ଣ ଭିଟାମିନ ଥିବା ଖାଦ୍ୟ ଖାଉଛନ୍ତି ବୋଲି ଦର୍ଶାଇଅଛି । ଆଣ୍ଡାମାନ ଏବଂ ନିକୋବର ଦ୍ୱୀପ ଆଦିରେ ସବୁଠୁ ଅଧିକ ମାଂସ, ମାଛ ଜାତୀୟ ଖାଦ୍ୟ ବ୍ୟବହୃତ ହେଉଅଛି ବୋଲି ରିପୋର୍ଟ ରେ ଦର୍ଶା ଯାଇଅଛି କିନ୍ତୁ ଓଡ଼ଶା ରେ ସର୍ବାଧିକ ପତ୍ର ଜାତୀୟ ପାରିବା ବ୍ୟବହୃତ ହେଉଛି ବୋଲି ଦର୍ଶା ଯାଇଅଛି (GLV, ଜାତୀୟ ପୁଷ୍ଟିକର ମନିଟରିଙ୍ଗ ବ୍ୟୁରୋ ୨୦୧୯) । ଓଡ଼ିଶାରେ ସାଧାରଣତଃ ପ୍ରତିଦିନ ପରାମର୍ଶିତ ଆହାର ଗ୍ରହଣ ଅନୁସାରେ ପତ୍ର ଜାତୀୟ ପରିବା (GLV) ୪୦ ଗ୍ରାମ /CU /ଦିନ ହେଉଛି । ଯେଉଁଥିରେ ଦେଶର ସାଧାରଣ ଖାଦ୍ୟ ଗ୍ରହଣ ୨୪ ଗ୍ରାମ /CU/ ଦିନ ରହିଛି ।

ଫୋର୍ସଗାଙ୍ଗସ ଇନଷ୍ଟିଚ୍ୟୁଟ (FiBL) ସର୍ଭେ ଅନୁଯାୟୀ ଏକ ଜୈବିକ କୃଷି ଗବେଷଣା କେନ୍ଦ୍ର ଅନୁଯାୟୀ ୧୮୬ ରୁ ଅଧିକ ଦେଶ ରେ ଜୈବିକ କୃଷି ସମ୍ବନ୍ଧୀୟ ତଥ୍ୟ ରହିଛି ଯେ ୭୧.୫ ନିୟୁତ ହେକ୍ଟର କୃଷି ଜମି ଜୈବିକ (ରୂପାନ୍ତରିତ କ୍ଷେତ୍ର) ଅଟେ । ଏହା ବ୍ୟତୀତ ୧୬ ଓ ୧୫ ଟି ଦେଶ ରେ ୧୦ ପ୍ରତିଶତ / ୫ ରୁ ୧୦ ପ୍ରତିଶତ ଜୈବିକ କୃଷି କ୍ଷେତ୍ର ଅଟେ । ତା ମଧ୍ୟରୁ ପ୍ରାୟ ୩୬ ନିୟୁତ ହେକ୍ଟର ଜୈବିକ ଅଣ କୃଷି କ୍ଷେତ୍ର ଅଛି ଏବଂ ଏପର୍ଯ୍ୟନ୍ତ ୨.୮ ନିୟୁତ ଜୈବିକ ଉତ୍ପାଦକ ଅଛନ୍ତି ବୋଲି ରିପୋର୍ଟ କରାଯାଇଅଛି । ବର୍ତ୍ତମାନ ବିଶ୍ୱ ରେ ଜୈବିକ ବଜାର ୯୬.୭ ବିଲିୟନ ୟୁରୋ ରେ ପହଁଚିଛି। ୨.୮ ନିୟୁତ ଜୈବିକ ଉତ୍ପାଦକ ଙ୍କ ମଧ ରେ ୯୦% ରୁ ଅଧିକ ଉତ୍ପାଦକ ଏସିଆ, ଆଫ୍ରିକା ଏବଂ ୟୁରୋପ ରେ ଅଛନ୍ତି, ସର୍ବାଧିକ ଜୈବିକ ଉତ୍ପାଦକ ଥିବା ଦେଶ ହେଉଛି ଭାରତ (୧, ୧୪୯, ୩୭୧) ତାପରେ ଉଗାଣ୍ଡା (୨୧୦, ୩୫୨) ଏବଂ ଇଥିଓପିଆ (୨୦୩, ୬୦୨), ତେବେ ୨୦୧୭ ତୁଳନା ରେ ୫ % ରୁ ଅଧିକ (୧୪୦, ୦୦୦) ଜୈବିକ ଉତ୍ପାଦକ ଙ୍କ ହ୍ରାସ ଲକ୍ଷ୍ୟ କରାଯାଇଛି ଯାହା ସୂଚାଇ ଦେଇଛି ଯେ ପ୍ରକୃତ ସଂଖ୍ୟା ବୋଧ ହୁଏ ୨.୮ ମିଲିୟନ ରୁ ଅଧିକ ଅଟେ ।

ଭାରତ ସରକାର ଙ୍କ PKVY ଯୋଜନା ଓଡିଶା ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ । ଭାରତର ସବୁଠୁ ଧନୀ ଏବଂ ବିବିଧ ଅଞ୍ଚଳ ମଧ୍ୟରୁ ଓଡିଶା ଜୈବିକ କୃଷି ପ୍ରୋତ୍ସାହନ ପାଇଁ ଉପଯୁକ୍ତ ଅଟେ । ଓଡ଼ିଶାରେ PKVY ଯୋଜନା ଅନ୍ତର୍ଗତ ୯୮୭୫ ରୁ ଅଧିକ କୃଷକ ଅନଲାଇନ ମୋଡ଼ ମାଧ୍ୟମ ରେ ସେମାନଙ୍କ ର ଜୈବିକ ଉତ୍ପାଦ ର ମାର୍କେଟିଙ୍ଗ ପାଇଁ www.jaivikkheti.in ପୋର୍ଟାଲ ରେ ପଞ୍ଜିକୃତ କରିସାରିଛନ୍ତି । ସେଇଭଳି ଆଞ୍ଚଳିକ କେନ୍ଦ୍ର ଅର୍ଗାନିକ ଫାର୍ମିଂ

(RCOF ), ଭୁବନେଶ୍ୱର ଏବଂ ଓଡ଼ିଶାରେ ପ୍ରେସ୍ କ୍ଲବ ଲାଗି ଏକ ପ୍ଲାଟଫର୍ମ ଯୋଗାଇବା ପାଇଁ ଏକ ପ୍ରୟାସ କରା ଯାଇଛି । PGS କ୍ଲଷ୍ଟର କୃଷକ ଏବଂ ଅନ୍ୟାନ୍ୟ ପ୍ରକୃତ ରାସାୟନିକ ମୁକ୍ତ କୃଷକ ଙ୍କ ଠାରୁ ଜୈବିକ ଉତ୍ପାଦ ବିକ୍ରୟ / କ୍ରୟ ପ୍ରତ୍ୟକ ମାସର ଦ୍ୱିତୀୟ ରବିବାର ରେ ଅନୁଷ୍ଠିତ ହେଉଅଛି ।

ଶ୍ରୀ ସୌରଭ ଗର୍ଗ (IAS, ମୁଖ୍ୟ ଶାସନ ସଚିବ, କୃଷି ବିଭାଗ, ଓଡିଶା ସରକାର), ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଶ୍ରୀ ରାଧା ମୋହନ (ସାବରମତୀ ର ପୂର୍ବତନ ସଦସ୍ୟ) ଏବଂ ପୂର୍ବତନ ସାଂସଦ ତଥାଗତ ଶତପଥୀଙ୍କ ଉପସ୍ଥିତିରେ ଏହି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଥିଲା ।

ଜୈବିକ ଚାଷକୁ ସ୍ଥାୟୀ କରିବା ପାଇଁ ଏବଂ ଏହାର ସଠିକ ପରିଚାଳନା ପାଇଁ ବିଭିନ୍ନ ପ୍ୟାକେଜ୍ ଏବଂ ଏହାର ଅଭ୍ୟାସ ଜରୁରୀ ଅଟେ । ସମ୍ପ୍ରତି, ଜୈବିକ ଚାଷ ଅଧୀନରେ ରୋଗ ପରିଚାଳନା ସହ ଜଡିତ ସମୀକ୍ଷା ପ୍ରକାଶ ପାଇଲା ଯାହାକି ଜୈବିକ ପରିଚାଳନା ପାଇଁ ଉପଯୋଗୀ (ଭାନ, ବୃଗେନ, ଏଟ. ଅଲ. ୨୦୧୬: ଭାନ ବୃଗେନ ଏବଂ ପିଙ୍କ, ୨୦୧୬) । ଅବଶ୍ୟ, ଓଡିଶା ପରିପ୍ରେକ୍ଷୀରେ ଧାନ ଏବଂ ଉଦ୍ୟାନ କୃଷି ଫସଲର ଜୈବିକ ଚାଷ ସହିତ ଜଡିତ ଅଭ୍ୟାସ ଏବଂ ପ୍ୟାକେଜ (POP) ବହୁତ କମ୍ ଅଟେ । ଏହି ପରିପ୍ରେକ୍ଷୀରେ ଗୁଣାତ୍ମକ ଏବଂ ଉଚ୍ଚ ଉତ୍ପାଦନ ସ୍ତରକୁ ବଜାୟ ରଖିବା ପାଇଁ ଉପଯୁକ୍ତ ବୈଷୟିକ କୌଶଳ ପ୍ରସ୍ତୁତ କରାଯିବା ଆବଶ୍ୟକ, ବିଶେଷ କରି ଜୈବିକ ତଥ୍ୟ ବ୍ୟବହାର କରି । ତେଣୁ, ବର୍ତମାନ ର ପାଣ୍ଡୁଲିପି ରେ ଓଡିଶାର ମୁଖ୍ୟ ଫସଲ ଯଥା ଧାନ, ଟମାଟୋ, ଲଙ୍କା, କଖାରୁ, କନ୍ଦମୂଳ, ହଳଦୀ ଏବଂ ଅଦା ଚାଷ କୁ କେନ୍ଦ୍ର କରି ପ୍ରସ୍ତୁତ କରାଯାଇଅଛି ।

## ଧାନ



**ଫସଲ**: ଧାନ

**ମାଟି**: ଆଲୁଭିଆଲ୍, ବାଲୁଆ ମାଟି ଏବଂ ଚିକିଟା ମାଟି

**ଉପର ମାଟି**: ୧୮ - ୨୩ ସେଣ୍ଟିମିଟର ଗଭୀର

**ପି. ଏଚ୍.:** ୫ ରୁ ୬. ୫

**ଜଳବାୟୁ:** ଟ୍ରପିକାଲ୍ ଓ ସବ ଟ୍ରପିକାଲ୍ ।

**ହାରାହାରି ତାପମାତ୍ରା:** ୨୧-୩୫°C ।

**ଜୈବିକ ଫସଲ ଉତ୍ପାଦନର ଅମଳ ର ପର୍ଯ୍ୟାୟ:**

- ଧାନ - ଶିମ୍ବ / ଟମାଟୋ / କାକୁଡି / ଲାଲ କଖାରୁ / ଗାଜର - ସବୁଜ ଖତ
- ଫସଲ (ମଞ୍ଜି ପାଇଁ)
- ବାସୁମତୀ ଚାଉଳ - ମସୁର / ପନିପରିବା ମଟର / ଆଳୁ / ସୋରିଷ / ହରଡ ଡାଲି ।
- ଧାନ - ବିରି - ରାଶି
- ଧାନ - ଚିନା ବାଦାମ / କପା - ଚାଉଳ

**ଧାନ କିସମ:**

**ସଅଳ କିସମ:** ଖଣ୍ଡଗିରି, ସହାଭାଗୀ ଧାନ ।

**ମଧ୍ୟମ କିସମ:** ହିରଣ୍ମୟୀ, IR ୮ ।

**ବିଳମ୍ବ କିସମ:** ପୂଜା, ସ୍ୱର୍ଣ୍ଣ, ସବ -୧

**ସୁଗନ୍ଧିତ କିସମ:** ଗୋବିନ୍ଦଭୋଗ, ନୂଆ କଳା ଜିରା।

କୁଦ୍ରତ - ୫, ବାଂଶୁନି ମୁଣ୍ଡି, ହଳଦୀ ଧାନ, ଗଡ଼କୁଟଟା, ସପୁରି ଧାନ, ବେତ୍ରା ଧାନ, କୋଲରିକୁଜି, ଲକଡିକୁଜି, ଉମରିଆଚୁରି, ଲିମଚୁରି, ଆସାମଚୁରି, ମାୟେରଧାନ, ପତ୍ରଧାନ, (ପ୍ରସଙ୍ଗ ସୁଚନା ସ୍ରୋତ: ଦକ୍ଷିଣ ଓଡିଶା ର କୋରାପୁଟ ଜିଲ୍ଲା ର ବେଲୁଗାଁ ର ଜଣେ ଆଦିବାସୀ ମହିଳା ଚାଷୀ କମଲି ବତ୍ରା)

**ବିଭିନ୍ନ କିସମ ଅନୁଯାୟୀ ବିହନ ପରିମାଣ (କେଜି / ହେକ୍ଟର ପ୍ରତି)**

**ବିହନ ହାର (କେଜି / ହେକ୍ଟର ପ୍ରତି):** -

ବିବିଧତା ଅନୁସାରେ: -

- ବିଳମ୍ବ କିସମ ଅବଧି : ୩୦ - ୬୦
- ମଧ୍ୟମ କିସମ ଅବଧି : ୪୦- ୬୦
- ସଅଳ କିସମ ଅବଧି : ୬୦ - ୭୦
- ଶୁଷ୍କ ଏବଂ ବର୍ଷାକାଳୀନ ବିହନ : ୮୫ - ୧୦୦

## ବିହନ ବିଶୋଧନ

**ଗୋମୂତ୍ର ର ବ୍ୟବହାର**: ୫୦୦ ମିଲିଲିଟର ଗୋ - ମୂତ୍ର କୁ ୨. ୫ ଲିଟର ପାଣି ରେ ମିଶାଇ, ବିହନ କୁ ଏକ ଛୋଟ ବ୍ୟାଗ ରେ ବାନ୍ଧି ତାକୁ ସେଇ ଗୋମୂତ୍ର ମିଶ୍ରିତ ପାଣି ରେ ଅଧଘଣ୍ଟା ଭିଜାଇ ରଖାଯାଇଥାଏ ଏବଂ ଛାଇ ରେ ଶୁଖା ଯାଇଥାଏ ।

**ଗୋବର ର ବ୍ୟବହାର**: - ସତେଜ ଗୋବର (୦. ୫ କି.ଗ୍ରା ) ଓ ଗୋମୂତ୍ର ( ୨ ଲିଟର ) ୫ ଲିଟର ପାଣି ରେ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରାଯାଇଥାଏ । ୧୦- ୧୫ କି.ଗ୍ରା ବିହନ କୁ ପ୍ରଥମେ ୧୦- ୧୨ ଘଣ୍ଟା ପାଣି ରେ ଏବଂ ପରେ ଉପରୋକ୍ତ ମିଶ୍ରଣ ରେ ୫-୬ ଘଣ୍ଟା ପାଇଁ ଭିଜା ଯାଇଥାଏ । ଏହି ବଶୋଧିତ ବିହନ ଗୁଡିକୁ ଛାଇ ରେ ଶୁଖା ଯାଇଥାଏ ଏବଂ ପରେ ତଳି ଘେରା ରେ ବୁଣା ଯାଇଥାଏ ।

**ଛେଳି ର ଗୋବର ବ୍ୟବହାର କରି** ୩୦ ଦିନ ପୁରୁଣା ବିହନ କୁ ଗୋଟିଏ ଦିନ ଛେଳି ଗୋବର ଦ୍ରବଣ ରେ ବିଶୋଧନ କରାଯାଇଥାଏ ଯାହାକି ବିହନ ର ଅଂକୁରଦଗମ ବୃଦ୍ଧି ରେ ସାହାଯ୍ୟ କରି ଥାଏ ।

## ବଚ ଗଛ ର ନିର୍ବାହ ବ୍ୟବହାର କରି

୧. ୨୫ କି.ଗ୍ରା ବଚ ମଞ୍ଜି ରାଇଜୋମ ପାଉଡର କୁ ୬ ଲିଟର ପାଣି ରେ ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ । ବିହନ ଗୁଡିକୁ ଛୋଟ ବ୍ୟାଗ ରେ ବାନ୍ଧି ସେହି ଦ୍ରବଣ ରେ ଭିଜାଇ ଅଧଘଣ୍ଟା ରଖନ୍ତୁ । ବିହନ କୁ ଛାଇ ରେ ଶୁଖା ଯଇଥାଏ ଏବଂ ତାପରେ ବୁଣା ଯଇଥାଏ ।

## ଜୈବ ଉର୍ବରକ ବ୍ୟବହାର କରି

ବିହନକୁ ଆଜୋସ୍ପିରିଲମ୍/ସୁଡୋମୋନାସ୍/PSM, ଥଣ୍ଡା ଭାତ ପେଜ ମିଶ୍ରଣ ରେ ଭିଜାଇ ବିଶୋଧିତ କରାଯାଇଥାଏ । ବିହନକୁ ଅଧା ଘଣ୍ଟା ଛାଇ ରେ ଶୁଖା ଯାଇଥାଏ ଏବଂ ତା'ପରେ ବୁଣା ଯାଇଥାଏ ।

## ଛଟା ବୁଣା ଧାନ ପାଇଁ ପ୍ରଣାଳୀ (DSR)

ବିହନ ଗୁଡିକୁ ବିଜାମୃତ (୨୦୦ ଗ୍ରାମ / କିଗ୍ରା ବିହନ ପ୍ରତି) ଏବଂ ଟ୍ରାଇକୋଡେର୍ମା ଭିରିଡି (୮ ଗ୍ରାମ / କିଗ୍ରା ବିହନ ପ୍ରତି) ର ଏକ ମିଶ୍ରଣ ରେ ବିଶୋଧିତ କରା ଯାଇଥାଏ । ତାପରେ ବିହନ କୁ ଛାଇ ରେ ଶୁଖା ଯାଇଥାଏ । ପୁଣି ଥରେ ବିହନ କୁ ଆଜୋସ୍ପିରିଲମ୍ ଏବଂ PSB ଜୈବ ଉର୍ବରକ (୧୦ ଗ୍ରାମ / କେଜି ବିହନ ପ୍ରତି) ରେ ମିଶାଇ ଛାଇ ରେ ଶୁଖା ଯାଇଥାଏ, ଏବଂ ସେହି ବିହନ କୁ ୬ ରୁ ୮ ଘଣ୍ଟା ମଧ ରେ ବୁଣା ଯାଇଥାଏ ।

## ତଳି ଘେରା ରେ ବିହନ ବୁଣିବା ପ୍ରଣାଳୀ

ବିହନ କୁ ବିଜାମୃତ / ଆଜୋସ୍ପିରିଲମ୍ ଏବଂ ଟ୍ରାଇକୋଡେର୍ମା ଭିରିଡି ଓ PSB ମିଶ୍ରଣ ରେ ୨୦ ମିନିଟ୍ ପର୍ଯ୍ୟନ୍ତ ଭିଜାଇ ରଖାଯାଇଥାଏ । ଉଭୟ ଓଦା ଏବଂ ଶୁଷ୍କ ତଳି ଘେରା ପ୍ରଣାଳୀ ପାଇଁ ୨୪ - ୩୬ ଘଣ୍ଟାର ଇନକ୍ୟୁବେସନ ର ଅବଧି ଆବଶ୍ୟକ ହୋଇଥାଏ ।



## ମୁଖ୍ୟ କ୍ଷେତ୍ର ର ପ୍ରସ୍ତୁତି



- କ୍ଷେତ କୁ ଘାସ ମୁକ୍ତ ଏବଂ ଜଳ ଧାରଣ ର କ୍ଷମତା ବୃଦ୍ଧି ପାଇଁ ୨ ରୁ ୩ ଥର କ୍ଷେତ ପ୍ରସ୍ତୁତ କରାଯାଏ ।
- ଚିନାବାଦାମ କିମ୍ବା ନିମ୍ବ କେକ୍ କୁ ୧୫ କୁଇଣ୍ଟାଲ ହେକ୍ଟର ପ୍ରତି ପ୍ରାଥମିକ ଖତ ଭାବରେ ପ୍ରୟୋଗ କରାଯାଇଥାଏ ।

## ପ୍ରତିରୋପଣ

- ୩ ସେଣ୍ଟିମିଟର ଗଭୀରତା ରେ ବୁଦା ପ୍ରତି ୨ ଟି ତଳି ରୋପଣ କରାଯାଇଥାଏ ।
- ବିହନ କୁ ପଞ୍ଚଗଭ୍ୟ କିମ୍ବା ଜୀବାମୃତ କିମ୍ବା ଅମୃତପାଣି ରେ ଭିଜା ଯାଇଥାଏ ।
- ଚାରା ବୃଦ୍ଧିର ସମାନତା କୁ ସହଜ କରିବା ପାଇଁ ପ୍ରତିରୋପଣ ପୂର୍ବରୁ ଚାରା ର ଅଗ୍ର ଭାଗକୁ ଅଳ୍ପ କାଟି ଦିଆ ଯାଇଥାଏ ।
- ପତ୍ରର ଅଗ୍ର ଭାଗରେ କୀଟ, ପୋକ, ଅଣ୍ଡା ଆଦିକୁ ପରିଷ୍କାର କରାଯିବା ଦରକାର ।

## ଧାନର କିସମ ଅନୁଯାୟୀ ତଳିରୁଆ ର ବ୍ୟବଧାନ (ସେଣ୍ଟିମିଟର):

- ବିଳମ୍ବ କିସମ ଅବଧି - ୨୦× ୧୫
- ମଧ୍ୟମ କିସମ ଅବଧି - ୨୦× ୧୦
- ସଅଳ କିସମ ଅବଧି - ୧୫× ୧୦

## ଅନାବନା ଘାସ ନିୟନ୍ତ୍ରଣ

ପ୍ରାଥମିକ ଘାସ ନିୟନ୍ତ୍ରଣ: ପ୍ରତିରୋପଣ ର ୧୫- ୨୦ ଦିନ ପରେ (DAT) ଏବଂ ଦ୍ୱିତୀୟ ରେ ୪୫ (DAT) ପରେ କୋନୋ ୱିଡର ସାହାଯ୍ୟ ରେ ରୋପଣ ର ୩୫ ଦିନ ପରେ (DAT) ଦେଖା ଯାଉଥିବା ଘାସ ବାଛନ୍ତୁ।

## ଖାଦ୍ୟସାର ପରିଚାଳନା

- କୃଷି କ୍ଷେତ୍ର ରୁ ବାହାରୁ ଥିବା ଖତ (FYM ପ୍ରତି ହେକ୍ଟର ପିଛା ୬- ୮ ଟନ), ଭର୍ମିକମ୍ପୋଷ୍ଟ (୫- ୧୦ କୁଇଣ୍ଟାଲ ପ୍ରତି ହେକ୍ଟର) ଓ ଏଜୋସ୍ପିରୁଲମ (୨ କେଜି / ହେକ୍ଟର) ଓ PSB (୨ କେଜି / ହେକ୍ଟର) ର ପ୍ରୟୋଗ ।
- ଛେଳି ର ଖତ (୧. ୨୫ ଟନ / ହେକ୍ଟର), କୁକୁଡ଼ା ଖତ (୧. ୨୫ ଟନ / ହେକ୍ଟର), କାଠ ପାଉଁଶ (୧. ୨୫ ଟନ / ହେକ୍ଟର)।



- ଗ୍ଲାଇରିସିଡିଆ ପତ୍ର (୫ ଟନ / ହେକ୍ଟର) ।
- ୬- ୭ ଦିନରେ ବ୍ଲୁ-ଗ୍ରୀନ ଆଲଗୀ (BGA) (୧୦ କେଜି / ହେକ୍ଟର) ର ପ୍ରୟୋଗ ।
- ସଂଜୀବକ / ଜୀବାମୃତ ୪୦ ଦିନ ବ୍ୟବଧାନରେ ଅତିକମ୍‌ରେ ରେ ତିନି ଥର (୫୦୦ ଲିଟର) ପ୍ରୟୋଗ କରାଯିବା ଉଚିତ ।
- ସଂଜୀବକ / ଜୀବାମୃତ, ନିମ୍ବ ମଞ୍ଜି ଏବଂ ନିମ୍ବ ପତ୍ର ରସ (୨ କିଗ୍ରା) ବ୍ୟବହାର ଧାନ ଫସଲରେ ହେଉଥିବା ହଳଦିଆ କାଣ୍ଡ ବିନ୍ଧା ପୋକ ନିୟନ୍ତ୍ରଣ କରିବା ପାଇଁ ହୋଇଥାଏ ।
- ୩ ଥର କିମ୍ବା ୪ ଥର ମିଶ୍ରିତ ଅମୃତ ପାଣି / ଗୋମୂତ୍ର / ମିଶ୍ରିତ ଭର୍ମିୱାଶ ର ସିଞ୍ଚନ ହୋଇଥାଏ ।
- ନିମ୍ବ ପତ୍ର / ନିମ୍ବ ମଞ୍ଜି ର ଗୁଣ୍ଡ ସହିତ ଭର୍ମିୱାଶ / ନିମ୍ବ କମ୍ପୋଷ୍ଟ ର ବ୍ୟବହାର ହୋଇଥାଏ ।

## ତରଳ ଜୈବିକ ସାର ପରିଚାଳନା

- ଧାନ ରୁଆ ହେବା ର ୨ ଦିନ ପୂର୍ବରୁ ବା ହଳ ସମୟରେ:
- ଜୀବାମୃତ ୨୦୦ ଲିଟର ଏକର ପ୍ରତି ବ୍ୟବହାର ହୋଇଥାଏ ।

୭-୧୫ (ରୋପଣ ଦିନ ଠାରୁ (DAT)):

- ତରଳ NPK ଅଣୁଜୀବ ମିଶ୍ରଣର ଜୈବ ଉର୍ବରକ (୫୦୦ ମି. ଲି / ଏକର ପ୍ରତି) + ୧୦୦ କି.ଗ୍ରା FYM/ ଭର୍ମିକୋମ୍ପୋଷ୍ଟ ଆର୍ଦ୍ର ଅବସ୍ଥା ରେ ୩ ଦିନ ଧରି ଧରି ରଖାଯାଇଥାଏ ।

ରୋପଣ ର ୨୦ ଦିନ ପରେ (DAT):

- ପଞ୍ଚଗଭ୍ୟ ୩୦ ମିଲିଲିଟର / ଲିଟର ପ୍ରତି ପାଣି ରେ ମିଶାଇ ପତ୍ରରେ ପ୍ରୟୋଗ କରିଯାଇଥାଏ । ଦ୍ୱିତୀୟ

ପ୍ରୟୋଗ ରେ ଜୀବାମୃତ ୨୦୦ ଲିଟର / ଏକର ପ୍ରତି ମାଟିରେ ବ୍ୟବହାର କରାଯାଇଥାଏ ।

- ରୋପଣ ର ୪୦ ଦିନ ରେ (DAT):
- ଜୀବାମୃତ ର ଆଉ ଗୋଟିଏ ମାତ୍ରା ପ୍ରୟୋଗ ହୋଇଥାଏ ସେଥିରେ ପାଣିର ମାତ୍ରା କମ୍ ହେବା ଜରୁରୀ ।

ରୋପଣ ର ୬୦ ଦିନ ରେ (DAT):

- ପଞ୍ଚଗଭ୍ୟ କୁ ପତ୍ରରେ ପ୍ରୟୋଗ କରାଯାଇଥାଏ ଏବଂ ଜୀବାମୃତ କୁ ମାଟିରେ ପ୍ରୟୋଗ କରାଯାଇଥାଏ ।

କେଣ୍ଡା ବାହାରିବା ସମୟରେ:

- ପଞ୍ଚଗଭ୍ୟ ର ଆଉ ଏକ ମାତ୍ରାର ପ୍ରୟୋଗ ହୋଇଥାଏ ।

## ଜୈବିକ ସାର

- ଆଜୋଲା ସହିତ ଧାନ ଚାଷ: ୧୦-୧୫ ଟନ ସତେଜ ଆଜୋଲା / ହେକ୍ଟର ପ୍ରତି ବ୍ୟବହାର ହୋଇଥାଏ ।
- ସତେଜ ନୀଳ ସବୁଜ ଶୈୱାଳ (BGA) ୫୦ -୬୦ କି.ଗ୍ରା ହେକ୍ଟର ପ୍ରତି ଏବଂ ଶୁଷ୍କ ନୀଳ ସବୁଜ ଶୈୱାଳ (BGA) ୬/ ୭ କି.ଗ୍ରା ।
- ଏଜୋସ୍ପାଇରୁଲମ କିମ୍ବା ଆଜୋଟୋବ୍ୟାକଟର ୫-୬ କିଗ୍ରା / ହେକ୍ଟର ପ୍ରତି / କିମ୍ବା ୫୦୦ ମିଲିଲିଟର ପ୍ରତି ହେକ୍ଟର ।
- AM କବକ ଏକ ଟନ ପ୍ରତି ହେକ୍ଟର ।
- ଫସଫେଟ ଦ୍ରବଣକାରୀ ସୂକ୍ଷ୍ମଜୀବ (PSM) ୫- ୬ କି.ଗ୍ରା ପ୍ରତି ହେକ୍ଟର କିମ୍ବା ୫୦୦ ମିଲିଲିଟର ପ୍ରତି ହେକ୍ଟର ବ୍ୟବହାର କରାଯାଇଥାଏ ।

ଉଦ୍ଭିଦ ଅଭିବୃଦ୍ଧି ନିୟନ୍ତ୍ରକ ପଞ୍ଚଗଭ୍ୟ ୩% ସିଞ୍ଚନ କରାଯାଇଥାଏ ( ଟିଲର ଏବଂ ବୁଟିଙ୍ଗ ପର୍ଯାୟ ରେ )





**ସବୁଜ ପତ୍ର ଖତର ବ୍ୟବହାର** :

ନିମ୍ବ, କରଞ୍ଜ, ଟଲଙ୍ଗ ର ପତ୍ର

ଜଳସେଚନ : ୫ ସେଣ୍ଟିମିଟର ଜଳ ଉଠିକି ରହିବା ଦରକାର ହୋଇଥାଏ ।

## କୀଟ ପୋକ ନିୟନ୍ତ୍ରଣ / ପରିଚାଳନା

ପୋକ

• ପତ୍ର ଖାଉଥିବା ସମ୍ବାଳୁଆ:

ନିୟନ୍ତ୍ରଣ :  ନିମ୍ବ ମଞ୍ଜି ର ଶସ ୫% (NSKE) ର ସିଞ୍ଚନ କରାଯାଇଥାଏ ।

• ପତ୍ରମୋଡା ପୋକ :

ନିୟନ୍ତ୍ରଣ :  ଶୂକ ର ନିୟନ୍ତ୍ରଣ ଲାଗି ଦଉଡି ପଦ୍ଧତି ।

ପାଚିଲା ପତ୍ର ଏବଂ ପତ୍ରମୋଡା ଲାଗି ଖେତ ସାରା ସରୁ ପତ୍ର ଏବଂ ବତାପି ପତ୍ର କୁ ବିଛାଯାଇଥାଏ ।

• ସାଆରା ପୋକ :

ନିୟନ୍ତ୍ରଣ :  ସତେଜ କରଡ ପତ୍ର ୧୦ କି.ଗ୍ରା (୧୦୦ ମିଟର ସ୍କ୍ୱାୟାର ଏରିଆ ପ୍ରତି) ବିଛା ଯାଇଥାଏ ।

• ସବୁଜ ଗୁଣ୍ଡି ପୋକ :

ନିୟନ୍ତ୍ରଣ :  ନିମ୍ବ ଏବଂ କରଞ୍ଜ ତେଲ କୁ ୧:୪ ଅନୁପାତ ରେ ସିଞ୍ଚନ କରାଯାଇଥାଏ ।

• ବାଦାମୀ ଗୁଣ୍ଡି ପୋକ :

ନିୟନ୍ତ୍ରଣ :  ଲାଇଟ ଟ୍ରାପିଙ୍ଗ ଦ୍ୱାରା ନିୟନ୍ତ୍ରଣ ।

ଲାସିଓସିଫୋନେରିଆ ସେଫାଲସ ପତ୍ର ର ରସ ବ୍ୟବହାର (ପ୍ରସ୍ତୁତି : ୧ କି.ଗ୍ରା ପତ୍ରକୁ ୧୦ ଲିଟର ପାଣିରେ ଫୁଟାଇ ଏକ ମିଶ୍ରଣ ପ୍ରସ୍ତୁତ କରାଯାଇଥାଏ ତା'ପରେ ଏହି ମିଶ୍ରଣକୁ ଛାଣି ପାଣି ସହ ମିଶାଇ ସିଞ୍ଚନ କରାଯାଇଥାଏ । ତଳି ପକା ଯାଇଥିବା ସମୟରେ ଏବଂ ରୋପଣ କରିବା ସମୟରେ ଏହାକୁ ସିଞ୍ଚନ କରାଯାଇଥାଏ ।

ଅରଖ ଗଛର ପତ୍ରକୁ ମଧ ଖେତରେ ବିଛା ଯାଇଥାଏ ।

• କାହାଳିଆ ପୋକ :

ନିୟନ୍ତ୍ରଣ : ଅପାମାର୍ଗ (ଶିଖରୀ) ଗଛର ଚେରକୁ ଶୁଖାଇ ଗୁଣ୍ଡ କରି ନିମ୍ବ ଗଛ ଛାଲିର ଗୁଣ୍ଡ ସହ ମିଶାଇ ପାଣି ସହ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରାଯାଇଥାଏ (ଶିଖରୀ ଚେର ଗୁଣ୍ଡ ୨୫ କି.ଗ୍ରା, ନିମ୍ବଛାଲି ୧୨. ୫ କିଗ୍ରା / ହେକ୍ଟର ପ୍ରତି ମିଶ୍ରଣ ରେ ୧ ଲିଟର କିରୋସିନ ଏବଂ ୪ ରୁ ୫ କିଲୋ ଧାନର ଖଦଡା (କୁଣ୍ଡା) ମିଶାଇ ପ୍ରୟୋଗ କରାଯାଇଥାଏ ।

କାଣ୍ଡବିନ୍ଧା ପୋକ :

ନିୟନ୍ତ୍ରଣ : ନିମ୍ବ କେକ୍ (୪୨- ୫୦ କିଲୋ) କୁ ପ୍ରାଥମିକ ଭାବେ ବ୍ୟବହାର କରାଯାଇଥାଏ ।

- ଟ୍ରାଇକୋଡର୍ମା   ଜାପୋନିକମ ର କାର୍ଡ ମଧ ମାର୍କେଟ ରେ ଉପଲବ୍ଧ ଯାହା ଦ୍ୱାରା ଏହି ପୋକ ର ନିୟନ୍ତ୍ରଣ କରାଯାଇ ଥାଏ ।
- ଲାଇଟ ଟ୍ରାପ ପଦ୍ଧତି ମାଧମ ରେ ମଧ ଏହି ପୋକ ର ନିୟନ୍ତ୍ରଣ କରିହବ ।

**ରୋଗ ନିୟନ୍ତ୍ରଣ** :

• ଜୀବାଣୁ / ଭୂତାଣୁ : ୧ ଲିଟର ବଟର ଯୁକ୍ତ କ୍ଷୀର, ୧ ଲିଟର ଗୋମୂତ୍ର କୁ ୮ ଲିଟର ପାଣିରେ ମିଶାଇ ବ୍ୟବହାର କରାଯାଇଥାଏ ।

• ଧାନ ର ମହିଷା ରୋଗ :

○ ୨ କିଗ୍ରା ତୁଳସୀ ପତ୍ର କୁ ୨ ଲିଟର ପାଣିରେ ଫୁଟାନ୍ତୁ । ୧୫ ଦିନ ବ୍ୟବଧାନ ରେ ୨ ମିଲିଲିଟର ତୁଳସୀ ମିଶ୍ରଣ କୁ ୧ ଲିଟର ପାଣି ରେ ମିଶାଇ ସେହି ମିଶ୍ରଣ କୁ ସିଞ୍ଚନ କରନ୍ତୁ ।

○ ୧୦% ଗୋମୂତ୍ର କୁ ୧୦ ଦିନ ରେ ୨ ଥର ସିଞ୍ଚନ କରନ୍ତୁ ।

ଧାନ ରେ ବାଦାମୀ ପତ୍ର ଦାଗ :

○ ୧୦ % ଭର୍ମିୱାଶ + ୫ % ଗୋମୂତ୍ର କୁ ୧୦ ଲିଟର ପାଣି ରେ ମିଶାଇ ମିଶ୍ରଣ ପ୍ରସ୍ତୁତ କରି ବ୍ୟବହାର କରନ୍ତୁ ।

○ ପୋଦିନା ପତ୍ର ର ରସ (୨୦%) ଏକ ଦିନ ପାଇଁ ବିହନ ବିଶୋଧନ ଲାଗି ବ୍ୟବହାର କରନ୍ତୁ ।

○ କରଡା ଗଛ ର ପରିପକ୍ୱ ପତ୍ର କୁ ୨୫ ବର୍ଗ / ପ୍ରତି ହେକ୍ଟର ରେ ବିଛାଇ ସଢ଼ିବା ଲାଗି ତାକୁ ଛାଡି ଦିଆଯାଇଥାଏ । ୩ ଦିନ ପରେ କ୍ଷେତ କୁ ଭିଜା ଯାଇଥାଏ ।

○ ପାଉଁଶ କୁ ମଧ ବିଞ୍ଚା ଯାଇଥାଏ ।

**ଧାନ ର ପତ୍ର ପୋଡ଼ା ରୋଗ**

୨୦ କେଜି ଗାଈ ଗୋବର କୁ ୨୦୦ ଲିଟର ପାଣିରେ ମିଶାଇ ଏକ ବହଳିଆ ମିଶ୍ରଣ ପ୍ରସ୍ତୁତ କରାଯାଇଥାଏ । ସେହି ମିଶ୍ରଣ କୁ ଛାଣି ୫୦ ଲିଟର ପାଣିରେ ମିଶା ଯାଇଥାଏ ଏବଂ ସେହି ମିଶ୍ରଣ କୁ ସିଞ୍ଚନ କରା ଯାଇଥାଏ ।

**ଅମଳ** :

- ଶସ୍ୟ ସର୍ବଦା ପରିପକ୍ୱ ହଳଦିଆ କିମ୍ବା ନଡାର ରଙ୍ଗ ପରି ହେବା ପରେ ଅମଳ କରାଯିବା ଉଚିତ (ଧାନର କିସମ ଅନୁଯାୟୀ ଭିନ୍ନ ହୋଇଥାଏ) ।
- ଶସ୍ୟ ର ଆର୍ଦ୍ରତା ପ୍ରାୟ ୨୦-୨୫% ଏବଂ ପ୍ରାୟ ୮୦% କେଣ୍ଡା ରେ ପ୍ରାୟତଃ ୮୦% ପାଚିଲା ଧାନ ଥିବା ଆବଶ୍ୟକ ।

**ଫସଲ**

୫-୬ ଟନ / ପ୍ରତି ହେକ୍ଟର ଏବଂ ସୁଗନ୍ଧିତ ଚାଉଳ ପାଇଁ ୨- ୩ ଟନ / ପ୍ରତି ହେକ୍ଟର ହୋଇଥାଏ ।

## ଓଡିଶା, ଧାନ ଚାଷ ର ପଦ୍ଧତି (OSRC)

ଓଡିଶା ର ଧାନ ଚାଷ ର ପଦ୍ଧତି ବା OSRC ହେଉଛି ଏକ ପରିବର୍ତ୍ତିତ ଧାନ ସଘନ କୃଷି ପଦ୍ଧତି (SRI), ଯାହାକି ଓଡିଶା ରାଜ୍ୟ ପାଇଁ ଅନୁକୂଳ ଅଟେ । ୧୯୮୦ ମସିହା ରୁ ୧୯୯୭ ମସିହା ପର୍ଯ୍ୟନ୍ତ ଏହା ଜଣା ନଥିଲା ଯେ ମାଡାଗାସ୍କର

ହେଉଛି SRI ର ଉତ୍ପତ୍ତି । ପରେ ଅନେକ ଦେଶ ଏହି ପଦ୍ଧତି କୁ ଆପଣେଇ ଥିଲେ ଯେଉଁଥିରେ ଭାରତ, ଚୀନ, ଇଣ୍ଡୋନେସିଆ, ଥାଇଲାଣ୍ଡ, କମ୍ବୋଡିଆ, ବାଂଲାଦେଶ ଏବଂ ଶ୍ରୀଲଙ୍କା ଅନ୍ତର୍ଭୁକ୍ତ । ଭାରତୀୟ ରାଜ୍ୟ ଗୁଡିକ ମଧ୍ୟରେ ଆନ୍ଧ୍ର ପ୍ରଦେଶ ରେ SRI ର ପରୀକ୍ଷା ଖରିଫ୍ ସିଜିନ ରେ କରାଯାଇଥିଲା , ଯାହାର ଆଶାନୁରୂପ ଫଳାଫଳ ମିଳିଥିଲା । ସମ୍ପ୍ରତି ସମଗ୍ର ବିଶ୍ୱରେ ଅନେକ କୃଷକ ଏହି ପଦ୍ଧତି କୁ ଆପଣେଇଛନ୍ତି ଏବଂ ସମୃଦ୍ଧ ମଧ୍ୟ ହୋଇଅଛନ୍ତି ।



## ଭୂମି ଚୟନ

ଉପଯୁକ୍ତ କ୍ଷେତ ଗୁଡିକ ସାଧାରଣତଃ ମଧ୍ୟମ - ଉଚ୍ଚ ଭୂମି, ମଧ୍ୟମ ନିମ୍ନ ଭୂମି ଏବଂ ନିମ୍ନ ଭୂମି ଅଂଚଳ । ସୁନିଶ୍ଚିତ ଜଳସେଚନ ମଧ୍ୟମ ଖାଲୁଆ ଜମି ଓ ମଧ୍ୟମ ଉଚ୍ଚ ଜମିରେ ଚାଷ ପାଇଁ ସାହାଯ୍ୟ ହୋଇଥାଏ ।

## ବିହନ ଚୟନ

ବିହନ ହାର (୫-୬ କି.ଗ୍ରା / ହେକ୍ଟର ପ୍ରତି), ଓ ୧୫୦ ଦିନ ଅବଧି ର ଉନ୍ନତ କିସମ ର ବିହନ ମଧ୍ୟମ ନିମ୍ନ ଭୂମି ଲାଗି ଚୟନ କରନ୍ତୁ ଏବଂ ୧୨୦ ଦିନ ଅବଧି ର ଉନ୍ନତ କିସମ ର ବିହନ ନିମ୍ନ ଭୂମି ଓ ମଧ୍ୟମ ଉଚ୍ଚ ଭୂମି ଲାଗି ଚୟନ କରନ୍ତୁ।

## ତଳି ଘେରା ପ୍ରସ୍ତୁତି

- ୧ ଏକର ରେ ପ୍ରତିରୋପଣ ପାଇଁ ୬ ଟି ଛୋଟ ଶଯ୍ୟା (ଆକାର ୨୦ ଫୁଟ × ୪ ଫୁଟ) ପ୍ରସ୍ତୁତ କରନ୍ତୁ । ବର୍ଷା ଦିନେ ଶଯ୍ୟା ର ପ୍ରତି ପାର୍ଶ୍ୱ ରେ ଜଳନିଷ୍କାସନ ନିମନ୍ତେ ନାଳି ପ୍ରସ୍ତୁତ କରନ୍ତୁ ।
- ପ୍ରତି ଟି ଶଯ୍ୟା ରେ ୨୫ କିଗ୍ରା ଚାଷ ଜମି ଖତ ମିଶାନ୍ତୁ ଏବଂ ବିଶୋଧିତ ଆଂଶିକ ଅଙ୍କୁରିତ ବିହନ ଗୁଡିକୁ ତଳି ଘେରା ରେ ଅତି ପତଳା ଭାବ ରେ ବୁଣି ଦିଅନ୍ତୁ ।

## ମୁଖ୍ୟ ଜମି ର ପ୍ରସ୍ତୁତି

ଭଲ ଭାବରେ ଜମି କୁ ପ୍ରସ୍ତୁତ କରନ୍ତୁ ଏବଂ ସମତୁଲ କରନ୍ତୁ । ଜମି କୁ ୨ ରୁ ୩ ଥର କାଦୁଅ କରନ୍ତୁ ଏବଂ ପାଣି ରଖନ୍ତୁ । ଶେଷ ଥର ହଳ କରିବା ସମୟ ରେ ବାଦାମ କିମ୍ବା ନିମ୍ବ କେକ୍ ୧୫ କୁଇଣ୍ଟାଲ ପ୍ରତି ହେକ୍ଟର ପିଛା ରେ ପ୍ରାଥମିକ ଡୋଜ ଭାବରେ ପ୍ରୟୋଗ କରନ୍ତୁ । ବୁଣିବା ପୂର୍ବ ରୁ ଜମି କୁ ସ୍ତର କରନ୍ତୁ । ବିହନ ପ୍ରତିରୋପଣ ପାଇଁ ଏକ କାଦୁଅ ବିହନ ଶଯ୍ୟା ପାଇଁ କ୍ଷେତ ରେ ୫ ସେଣ୍ଟିମିଟର ଜଳସ୍ତର ବଜାୟ ରଖି ପଡଲିଂ କରିବା ଉଚିତ ।

## ବିହନ ପ୍ରତିରୋପଣ

ମୁଖ୍ୟ କ୍ଷେତ ରେ କୋଦାଳ / କଡ଼ାଇ / ପ୍ଲେଟ ବ୍ୟବହାର କରି ଜଳଉପଲବ୍ଧତା ଉପରେ ଆଧାର କରି ୮- ୧୪ ଦିନର ବୁଣା ଯାଇଥିବା ବିହନ କୁ ବାହାର କରା ଯାଇଥାଏ ଏବଂ ମୁଖ୍ୟ କ୍ଷେତରେ ରୋପଣ କରାଯାଇଥାଏ ।

## ବ୍ୟବଧାନ

- ୨୫ ସେଣ୍ଟିମିଟର × ୨୫ ସେଣ୍ଟିମିଟର
- ୨ ଟି ପତ୍ର ହୋଇଥିବା ପର୍ଯାୟ ରେ ୧୦- ୧୨ ଦିନ ପୁରୁଣା ଯାହାକି ଗର୍ଭାଶୟ ସହ ଲାଗିଥାଏ ତାହାକୁ ପ୍ରତିରୋପଣ କରା ଯାଇଥାଏ ।

## ଖାଦ୍ୟସାର ପରିଚାଳନା

ଜୈବିକ ନିବେଶ

ଶେଷ ପର୍ଯାୟ ଜମି ପ୍ରସ୍ତୁତି ସମୟ ରେ FYM ୧୦ ଟନ / ପ୍ରତି ହେକ୍ଟର ବ୍ୟବହାର ହୋଉଥାଏ ।

ଗୋଟିଏ ମାସ ପରେ, ସଂଜୀବନୀ ମିଶ୍ରଣ (୧୦ କେଜି ଗୋବର ଓ ୧୦ ଲିଟର ଗୋମୂତ୍ର ର ଏକ ମିଶ୍ରଣ କୁ ୪ ଦିନ ପର୍ଯ୍ୟନ୍ତ ପଚନ କରାଯାଇ ପ୍ରସ୍ତୁତ କରା ଯାଇଥାଏ ) କୁ ପ୍ରୟୋଗ କରାଯାଇଥାଏ ।

## କାର୍ଯ୍ୟସୂଚୀ ଅନୁଯାୟୀ ଭର୍ମିୱାଶ ର ସିଞ୍ଚନ

ପ୍ରଥମ ୧୫ ଦିନ ( DAT) : ୧୦% ଭର୍ମିୱାଶ ସିଞ୍ଚନ କରାଯାଇଥାଏ ।

୨୦ ଦିନ ପରେ ଦ୍ୱିତୀୟ ଥର ସେହି ମାତ୍ରା ରେ ଭର୍ମିୱାଶ ସିଞ୍ଚନ ହୋଇଥାଏ ।

ତୃତୀୟ ଥର ଫୁଲ ଆସିବା ସମୟ ରେ ସିଞ୍ଚନ ହୋଇଥାଏ, ଯାହାର ମାତ୍ରା ପ୍ରଥମ ମାତ୍ରା ର ଅଧା ହୋଇଥାଏ (୫%)।

## ଜଳସେଚନ

ମାଟି କୁ ଆର୍ଦ୍ର ରଖା ଯାଇଥାଏ କିନ୍ତୁ ବନ୍ୟା ପରିସ୍ଥିତି କିମ୍ବା ସଠିକ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା ଦରକାର । ପରିପୃଷ୍ଠତା ରେ ଆର୍ଦ୍ରତା ବଜାୟ ରଖା ଯାଇଥାଏ ।

## ଘାସ ନିୟନ୍ତ୍ରଣ

ଘାସ ପରିଚାଳନା କୋନୋ ୱିଡର ପଦ୍ଧତି ରେ କରା ଯାଇଥାଏ । ପ୍ରଥମ ପର୍ଯାୟ ରେ କୋନୋ ତୃଣକ ପଦ୍ଧତି ୨୦ ଦିନ (DAT) ରେ କରାଯାଇଥାଏ ଏବଂ ଦ୍ୱିତୀୟ ପର୍ଯାୟ ରେ ୪୫ ଦିନ (DAT) ରେ କରା ଯାଇଥାଏ ।

ଗଛ ର ସୁରକ୍ଷା ନିମ୍ବ ତେଲ ଏବଂ କରଞ୍ଜ ତେଲ କୁ ୧:୪ ଅନୁପାତ ରେ କିମ୍ବା ୫% NSKE କୁ ସିଞ୍ଚନ କରା ଯାଇଥାଏ ।

## ଅମଳ

ଧାନ ସମ୍ପୂର୍ଣ୍ଣ ପାଚିବା ପରେ ଅମଳ କରା ଯାଇଥାଏ, ଶସ୍ୟ ର ଆର୍ଦ୍ରତା ୨୦- ୨୫ % ରହିଥାଏ ଏବଂ ପ୍ରାୟତଃ ୮୦% ପାଚିଲା କେଣ୍ଡା ଦେଖା ଯାଇଥାଏ ।

**OSRC ର ଲାଭ**



- ବିହନ ର କମ୍ ମୂଲ୍ୟ
- ଅଳ୍ପ ଜଳ ର ଆବଶ୍ୟକତା
- କେବଳ ଜୈବିକ ଖତ ଆବଶ୍ୟକ ହୋଇଥାଏ
- ମୂଲ୍ୟ ସଂଚୟ
- ସ୍ଥାନୀୟ ଚାଷ ର ବ୍ୟବହାର
- ଗଛ ର ମୃତ୍ୟୁହାର କମ୍ ହୋଇଥାଏ
- ବିହନ ପ୍ରତି ଅଧିକ ସଂଖ୍ୟାରେ କେଣ୍ଡା ହୋଇଥାଏ

**ଧାନ - ମାଛ - ବତକ - ଆଜୋଲା ର ମଡେଲ**

ପ୍ରଥମେ ଜମି ର ଏକ ପୁନଃ ନକ୍ସା ପ୍ରସ୍ତୁତ କରାଯାଇଥାଏ, ଯେପରିକି ଏକ ଧାନ ବିଲ ରେ ବିଭିନ୍ନ ଚାଷ ହୋଇ ପାରିଥାଏ । ସେହି ଜମିରେ ଧାନ ଚାଷ ହେବା ସହ ମାଛ ଏବଂ ବତକ ମଧ ଛଡା ଯାଇଥାଏ (ଏହା ଏକ ଘନିଷ୍ଠ - ଏକୀକରଣ ର ଉଦାହରଣ ଅଟେ) ।

## ବିଲାତି (ଟମାଟୋ)

**ବୈଜ୍ଞାନିକ ନାମ** : *Lycopersicon esculentum* L.

**କିସମ** : ବ୍ୟାକଟେରିଆ ଜନିତ ଝାଉଁଳା ରୋଗ ପ୍ରତିରୋଧକ କିସମ - ଅର୍କ ରକ୍ଷକ, ଅର୍କ ସମ୍ରାଟ, ଶକ୍ତି, ସିନାଲି, ଅର୍କ ଆଭା ।

ନେମାଟୋଡ଼ ଓ ବ୍ୟାକଟେରିଆ ଜନିତ ରୋଗ ପ୍ରତିରୋଧକ କିସମ - ଅର୍କ ବର୍ଦ୍ଧନ ଓ ଭର୍ଟିସିଲିୟମ ।

ଝାଉଁଳା ରୋଗ ପ୍ରତିରୋଧକ କିସମ - ପନ୍ତବାହାର

**OUAT** କିଛି ନୂତନ କିସମ ର ଟମାଟୋ ଉନ୍ମୋଚନ କରିଅଛି, ସେଗୁଡିକ ହେଉଛି - ଉତ୍କଳ ଉର୍ବଶୀ, ଉତ୍କଳ ରାଜା, ଉତ୍କଳ ପ୍ରଜ୍ଞା ।

**ମୃତ୍ତିକା** : PH ୬. ୫ ରୁ ୭. ୫ ଏବଂ ଜୈବିକ ପଦାର୍ଥ ଭରପୂର ମାଟି ରେ ଟମାଟୋ ଭଲ ଭାବେ ବଢ଼ିଥାଏ ।

**ବିହନ ବୁଣିବା ସମୟ** ଖରିଫ - ଜୁଲାଇ - ଅଗଷ୍ଟ ( ବର୍ଷା ହେତୁ ବୁଣା ଯାଏ ନାହିଁ )

ରବି - ଅକ୍ଟୋବର - ନଭେମ୍ବର ।

**ତଳି ଘେରା ପାଇଁ ଶଯ୍ୟା ପ୍ରସ୍ତୁତି** FYM ( ୧୦ କିଗ୍ରା ) ନିମ୍ବ କେକ୍ ( ୧ କେଜି ) VAM ୧୫୦ ଗ୍ରାମ / ପ୍ରତି ମିଟର ସ୍କ୍ୱାର ରେ ବିହନ ବୁଣିବା ପୂର୍ବ ରୁ ପ୍ରୟୋଗ କରାଯାଇଥାଏ ।

**ବିହନ ହାର** ୩୦୦- ୩୫୦ ଗ୍ରାମ ପ୍ରତି ହେକ୍ଟର ପିଛା ରେ ସ୍ଥାନୀୟ ଲୋକପ୍ରିୟ କିସମ ବୁଣା ଯାଇଥାଏ ଏବଂ ଉନ୍ନତ ହାଇବ୍ରିଡ଼ କିସମ ର ବିହନ ୧୦୦- ୧୫୦ ଗ୍ରାମ / ପ୍ରତି ହେକ୍ଟର ହିସାବ ରେ ବୁଣାଯାଇଥାଏ ।

## ବିହନ ର ବିଶୋଧନ

ବିହନ ବୁଣିବା ପୂର୍ବରୁ ୧ କେଜି ଟମାଟୋ ବିହନ କୁ ୪ କେଜି ଟ୍ରାଇକୋଡର୍ମା କିମ୍ବା ସୁଡୋମୋନାସ୍ ଫ୍ଲୋରେସେନସ ୧୦ କେଜି ଓ ଏଜୋସ୍ପାଇରୁଲମ ୪୦ ରୁ ୪୦୦ ଗ୍ରାମ ମିଶାଇ ୨୪ ଘଣ୍ଟା ବିଶୋଧିତ କରାଯାଇଥାଏ ।

ନର୍ସରୀ ଶଯ୍ୟା ରେ ୧୦ ସେଣ୍ଟିମିଟର ଦୂରତା ରକ୍ଷା କରି ବିଶୋଧିତ ବିହନ କୁ ବୁଣା ଯାଇ ଥାଏ । ତା 'ପରେ ସେହି ବୁଣା ଯାଇଥିବା ବିହନ ଉପରେ ବାଲି ବିଛାଇ ଦିଆଯାଏ ଯାହା ଫଳ ରେ ଉତ୍ତମ ରୂପେ ଅଂକୁରଦଗମ ହୋଇପାରିବ।

## କିସମ ହିସାବ ରେ ବ୍ୟବଧାନ

ସାଧାରଣ କିସମ ପାଇଁ ୬୦ ସେଣ୍ଟିମିଟର × ୪୫ ସେଣ୍ଟିମିଟର ଏବଂ ହାଇବ୍ରିଡ଼ କିସମ ପାଇଁ ୪୫ ସେଣ୍ଟିମିଟର × ୩୦ ସେଣ୍ଟିମିଟର ବ୍ୟବଧାନ ହୋଇଥାଏ ।

**ମଲଚିଙ୍ଗ୍** ଏହି ମଲଚିଙ୍ଗ୍ ପଦ୍ଧତି ରେ କଳା LDPE ସିଟ ବା କଳା ହାଲୁକା ପଲିଥିନ (୨୫ ମାଇକ୍ରୋନ ମୋଟେଇ) ଉପରେ ମଲଚିଙ୍ଗ୍ କରାଯାଇ ଥାଏ ଏବଂ ସେହି ପଲିଥିନ୍ ର ଉଭୟ ପାର୍ଶ୍ୱ କୁ ୧୦ ସେଣ୍ଟିମିଟର ଗଭୀରତା ରେ ମାଟି ରେ ପୋତି ଦିଆଯାଇଥାଏ ।

## ତୃଣ ପରିଚାଳନା

ତୃଣ ବା ଅନାବନା ଘାସ କୁ ଗଛ ଲଗାଇବା ର ୩୦ ଦିନ ପରେ ସଫା କରା ଯାଇଥାଏ ।

**ହାଇବ୍ରିଡ଼ ଗଛ ପାଇଁ ତାଲିମ** ଗଛ ଲଗାଇବା ର ୩୦ ଦିନ ପରେ ଭୂମି ସ୍ତର ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ୧. ୦ ରୁ ୧. ୫ ଉଚ୍ଚତା ରେ ଷ୍ଟେକ ବା କାଠର ବାଡ଼ ସାହାଯ୍ୟ ରେ ଗଛ ର ପାର୍ଶ୍ୱ ଶାଖା ଗୁଡିକୁ ଉପର କୁ ଉଠାଇ ଦିଆ ଯାଇଥାଏ ।

## ଜଳସେଚନ

ବିହନ ବୁଣା ଯିବାର ସାପ୍ତାହିକ ବ୍ୟବଧାନ ରେ ଜଳସେଚନ କରାଯାଇଥାଏ ।

## ବୁନ୍ଦା ଜଳସେଚନ ଏବଂ ଉର୍ବରକ ପ୍ରୟୋଗ

- ଶେଷ ଥର ହଳ ହେବା ପୂର୍ବ ରୁ ପ୍ରାଥମିକ ଭାବେ FYM କୁ ୨୫ ଟନ/ପ୍ରତି ହେକ୍ଟର ହାର ରେ ପ୍ରୟୋଗ କରାଯାଇଥାଏ ।
- ଏଜୋସ୍ପାଇରୁଲମ (୨ କେଜି/ପ୍ରତି ହେକ୍ଟର) ଏବଂ ଫସଫୋ ବ୍ୟାକଟେରିଆ (୨ କେଜି/ପ୍ରତି ହେକ୍ଟର) ର ମିଶ୍ରଣ କୁ FYM (୫୦ କେଜି) ସହ ମିଶାଇ ପ୍ରୟୋଗ କରାଯାଇଥାଏ ।
- ମୁଖ୍ୟ ଏବଂ ଉପମୁଖ୍ୟ ପାଇପ ଗୁଡିକୁ ଲଗାଯାଇ ବୁନ୍ଦା ଜଳସେଚନ ବା ଡ୍ରିପ ଜଳସେଚନ କରାଯାଇଥାଏ ।

## କୀଟ ପୋକ ପରିଚାଳନା ର ଅଭ୍ୟାସ

**ଫଳ ବିନ୍ଧା ପୋକ ନିୟନ୍ତ୍ରଣ** :

- ସଂକ୍ରମିତ ଫଳ ଗୁଡିକୁ ସଂଗ୍ରହ କରାଯାଇ ନଷ୍ଟ କରି ଦିଆ ଯାଇଥାଏ । ବଡ ହୋଇ ଯାଇ ଥିବା ଲାର୍ଭା ଗୁଡିକୁ ମଧ ସଂଗ୍ରହ କରାଯାଇ ନଷ୍ଟ କରିଦିଆ ଯାଇଥାଏ ।

- ୪୦ ଦିନ ର ପୁରୁଣା ଲଙ୍ଗ ମାରିଗୋଲଡ ଏବଂ ୨୫ ଦିନ ପୁରୁଣା ଟମାଟୋ ର ବିହନ କୁ ୧: ୧୬ ଅନୁପାତ ରେ ଧାଡି ରେ ଲଗା ଯାଇଥାଏ । ଫେରୋମନ ଟ୍ରାପ (୧୨ ଟି ହେକ୍ଟର ପିଛା) ସହିତ ହେଲିଲ୍ୟୁଟ ଟ୍ରାପ ର ବ୍ୟବସ୍ଥା କରା ଯାଇଥାଏ ।
- ଟ୍ରାଇକୋଡର୍ମା ପ୍ରିଟିଓସମ କୁ HaNPV ୧.୫× ୧୦୧$^{12}$ POBs/ପ୍ରତି ହେକ୍ଟର ଓ NPV ର H. ଆରମିଗେରା
- ୦.୪୩%, ୩୦ ମିଲିଲିଟର /ପ୍ରତି ଲିଟର ବା ୨ % ୧.୦ ମିଲିଲିଟର /ପ୍ରତି ଲିଟର ରେ ବ୍ୟବହାର ହୋଇଥାଏ ।
- ସ୍ପୋଡୋପେରା ଲିଟୁରା ର Pinterest ପାଇଁ SINPV ୧. ୫× ୧୦$^{12}$ POBs ପ୍ରତି ହେକ୍ଟର ପ୍ରୟୋଗ କରାଯାଇଥାଏ।

## ପତ୍ର କଟା ପୋକ

ନଷ୍ଟ ହୋଇଯାଇଥିବା ପତ୍ର କୁ ବଛା ଯାଇ ଫୋପାଡ଼ି ଦିଆ ଯାଏ ଏବଂ NSKE (୫%) କୀଟନାଶକ ବ୍ୟବହାର କରାଯାଇଥାଏ ।

## ପତ୍ରଖିଆ ପୋକ

କୀଟ ପତଙ୍ଗ ଙ୍କୁ ନଷ୍ଟ କରିବା ପାଇଁ ପ୍ରଥମେ ହଳ କରାଯାଇଥାଏ | ଟ୍ରାପ କ୍ରପିଙ୍ଗ ପଦ୍ଧତି ରେ ଚାଷ କଟାଯାଇଥାଏ ଏବଂ ବନ୍ଧ ଓ ଜଳସେଚନ ର ବ୍ୟବସ୍ଥା କରା ଯାଇଥାଏ | ଲାଇଟ ଟ୍ରାପ ୧ ଟି ଲେଖାଁ ପ୍ରତି ହେକ୍ଟର ପିଛା ଓ ଫେରୋମୋନ ଟ୍ରାପ (ଫେରୋଡିନ SL) ୧୫ ଟି ଲେଖାଁ ହେକ୍ଟର ପିଛା ଲଗାଯାଇଥାଏ ଯାହାଦ୍ୱାରା କି ପୋକ ମାନେ ଆକର୍ଷିତ ହୋଇଥାନ୍ତି । ତା'ପରେ ଅଣ୍ଡା ଏବଂ ପୋକ ମାନଙ୍କୁ ସଂଗ୍ରହ କରି ନଷ୍ଟ କରିଦିଆଯାଇଥାଏ, ଏବଂ SINPV (୧.୫× ୧୦$^{2}$ POBs/ପ୍ରତି ହେକ୍ଟର ହାର ରେ) ଓ ଅଶୋଧିତ ଚିନି (୨. ୫ କିଗ୍ରା) ଏବଂ ଟିପୋଲ (୦.୧%) ର ଏକ ମିଶ୍ରଣକୁ ସିଞ୍ଚନ କରାଯାଇଥାଏ ।

## ଜଉ ପୋକ

ରୋଗ ସଂକ୍ରମିତ ଗଛ ଗୁଡିକୁ ଉପାଡି ଦିଆଯାଏ ଏବଂ ହଳଦିଆ ରଙ୍ଗ ର ଷ୍ଟିକ ଟ୍ରାପ ୧୫ ଟି ଲେଖାଁ ହେକ୍ଟର ପ୍ରତି ବ୍ୟବହାର କରାଯାଇଥାଏ ।

## ବିଲାତି ର ପତ୍ର ମୋଡା ଭୁତାଣୁ ର ନିୟନ୍ତ୍ରଣ

ଗ୍ରୀନ ହାଉସ/ନେଟ ହାଉସ ରେ ନର୍ସରୀ ବନାଯିବା ଦରକାର । ହଳଦିଆ ଅଠାଳିଆ ଟ୍ରାପ ୧୨ ଟି ଲେଖାଁ ହେକ୍ଟର ପ୍ରତି ଲଗାଯିବା ଦରକାର ଯାହା ଦ୍ୱାରା କି ଧଳା ମାଛି ନିୟନ୍ତ୍ରଣ ହେବେ । କ୍ଷେତ ରେ ଚାରିପଟେ ପ୍ରତିବନ୍ଧକ ଶସ୍ୟ ଲଗାଯିବା ଦରକାର । ତୃଣ ସବୁ କୁ ସଫା କରାଯିବା ଦରକାର ।

## ବିଲାତି ର ମୋଜାଇକ ଭୁତାଣୁ ନିୟନ୍ତ୍ରଣ

ରୋଗମୁକ୍ତ ଗଛ ଗୁଡିକ ରୁ ସଂଗୃହିତ ସୁସ୍ଥ ମଞ୍ଜି ବୁଣା ଯିବା ଦରକାର । ସୁସ୍ଥ ମଞ୍ଜି ଗୁଡିକୁ ଭଲ ଭାବେ ଧୋଇ ଛାଇ ରେ ଶୁଖାଇବା ଦରକାର । ନର୍ସରୀ ରୁ ସଂକ୍ରମିତ ବିହନ ଗୁଡିକୁ ଯତ୍ନ ର ସହିତ ଅଲଗା କରି ବହୁ ଦୂରତା ରେ ପକାଇବା ଉଚିତ ସଂକ୍ରମିତ ବିହନ ପ୍ରତିରୋପଣ କରାଯିବା ଉଚିତ ନୁହେଁ ।

### ଝାଉଁଳା ରୋଗ ନିୟନ୍ତ୍ରଣ

- ବିହନ ବୁଣିବା ଶଯ୍ୟା କୁ ଉଚ୍ଚା କରାଯିବା ଦରକାର ।
- ଆଲୁଅ ଏବଂ ନିୟମିତ ଜଳସେଚନ ଯୋଗାଇଦେବା ଦରକାର ।
- ଭଲ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା ଦରକାର ।
- ବିହନ ର ବିଶୋଧନ ଟ୍ରାଇକୋଡର୍ମା ଭିରିଡି (୧ କେଜି /୨୫୦ ଗ୍ରାମ ବିହନ ପ୍ରତି) ପ୍ରୟୋଗ କରାଯିବା ଦ୍ୱାରା ଝାଉଁଳା ରୋଗ ର ନିୟନ୍ତ୍ରଣ କରା ଯାଇପାରେ ।

### ପତ୍ର ପୋଡା ରୋଗ ର ନିୟନ୍ତ୍ରଣ

ଫସଲ ରେ ଆବର୍ଜନା ଆଦି କୁ ବାହାର କରା ଯାଇଥାଏ ଏବଂ ବିଭିନ୍ନ ପ୍ରକାର ଫସଲ କୁ ସେହି କ୍ଷେତ ରେ ଚାଷ କରାଯାଇ ଥାଏ (କ୍ରପ ରୋଟେସନ) ଯାହାଦ୍ୱାରା ରୋଗ ର ମାତ୍ରା କୁ କମ୍ କରାଯାଇ ପାରିଥାଏ ।

### ବ୍ୟାକଟେରିଆ ଜନିତ ସଢା ରୋଗ

କ୍ରପ୍ ରୋଟେସନ ବା କ୍ଷେତ ରେ ବିଭିନ୍ନ ପ୍ରକାର ଚାଷ ଯେମିତିକି ମକା, କୋବି, ଭେଣ୍ଡି, ବାଇଗଣ, ବାଜରା ଇତ୍ୟାଦି ଫସଲ ର ଚାଷ କରାଯିବା ଦ୍ୱାରା ଏହି ରୋଗ କୁ ନିୟନ୍ତ୍ରଣ କରାଯାଇ ପାରେ ।

**ଅମଳ** ୪୫- ୫୦ ଟନ/ପ୍ରତି ହେକ୍ଟର



Fig - 1 ଫଳ ବିନ୍ଧାପୋକ



Fig-2 ପତ୍ର ମୋଡାଭୂତାଣୁ



Fig - 3 ପତ୍ର ପୋଡା ପୋକ

## ବାଇଗଣ

**ବୈଜ୍ଞାନିକ ନାମ :** *Solanum melongena* L.

**ମୃତ୍ତିକା :** ଭାରୀ ମାଟି, କାଦୁଆ ମାଟି ।

**କିସମ :** ଉତ୍କଳ ରାଣୀ, ଉତ୍କଳ କେଶରୀ, ଉତ୍କଳନୁଶ୍ରୀ, ଉତ୍କଳ ମାଧୁରୀ, ପୂଜା ବାଇଗଣୀ ଲଙ୍ଗ, ଗୁଲାବୀ, ଭାଗ୍ୟମତୀ, ସବୁଜ ଲଙ୍ଗ, ସବୁଜ ରାଉଣ୍ଡ, ଶ୍ୟାମଳା, ପୁସଂକ୍ରାନ୍ତି, ପନ୍ଥ- ସମ୍ରାଟ, KT - ୪, sel - ୩, sel - ୪, sel - ୫ ।

## ବିହନ ବିଶୋଧନ

ବିହନକୁ ଟ୍ରାଇକୋଡର୍ମା ଭିରିଡି କିଗ୍ରା ପ୍ରତି ୪ ଗ୍ରାମ ବିହନ ହାର ରେ ବା ବୀଜରାକ୍ଷ କୁ ବ୍ୟବହାର କରି ବିଶୋଧିତ କରା ଯାଇଥାଏ ।



## ବିହନ ହାର

କିସମ : ୨୬୦ ଗ୍ରାମ/ପ୍ରତି ହେକ୍ଟର, ହାଇବ୍ରିଡ଼ - ୧୨୦ ଗ୍ରାମ/ପ୍ରତି ହେକ୍ଟର ।

## ବିହନ ବୁଣିବା ସିଜିନ

ବର୍ଷ ସାରା ବାଇଗଣ ଲଗାଇ ହୁଏ, କିନ୍ତୁ ଓଡିଶା ର ଜଳବାୟୁ ହିସାବ ରେ ଅକ୍ଟୋବର - ନଭେମ୍ବର ଉପଯୁକ୍ତ ସମୟ୍ ।

ଖରା ଦିନ ରେ ଫେବୃଆରୀ - ମାର୍ଚ୍ଚ ଉପଯୁକ୍ତ ଅଟେ ।

**ଜମି ପ୍ରସ୍ତୁତି** ଗ୍ରୀଷ୍ମ ସମୟ୍ ରେ ଗଭୀର ହଳ କରିବା ଦରକାର ।

**ଗଛ ମଧ ରେ ବ୍ୟବଧାନ** ଧାଡି ରୁ ଧାଡି ୭୫ ସେଣ୍ଟିମିଟର ଓ ଗଛ ରୁ ଗଛ ମଧ ରେ ୬୦ ସେଣ୍ଟିମିଟର ଦୂରତା ରଖିବା ଆବଶ୍ୟକ ।

**ସାର** ଶେଷ ଥର ଜମି ହଳ କରିବା ପୂର୍ବ ରୁ ୨୫ ଟନ / ପ୍ରତି ହେକ୍ଟର ଜମି ରେ ପ୍ରାଥମିକ ଭାବେ FYM ପ୍ରୟୋଗ କରାଯାଇ ଥାଏ ।

୨ କେଜି/ପ୍ରତି ହେକ୍ଟର ଏଜୋସ୍ପାଇରୁଲମ ଓ ଫସଫୋ -ବ୍ୟାକଟେରିଆ ୨ କେଜି / ପ୍ରତି ହେକ୍ଟର ହାର ରେ ୫୦ କେଜି FYM ସହ ମିଶାଇ ମଧ ପ୍ରୟୋଗ କରାଯାଇଥାଏ ।

## ଜମି ମଧ ରେ ସମ୍ପାଦିତ ହେଉଥିବା ଅନ୍ୟାନ୍ୟ ପ୍ରଣାଳୀ

ଜଳସେଚନ ମୃତ୍ତିକା ର ଆର୍ଦ୍ରତା ଉପରେ ଆଧାର କରି ଜଳସେଚନ ୭- ୧୦ ଦିନ ରେ ଥରେ ଆବଶ୍ୟକ ହୋଇଥାଏ । ଫୁଲ ଏବଂ ଫଳ ହେଇଥିବା ସମୟ୍ ରେ ହାଲୁକା ବା ସ୍ୱଳ୍ପ ଜଳସେଚନ ଆବଶ୍ୟକ । ଶୀତ ଦିନେ ଫଳ ର ଗୁଣବତ୍ତା ବୃଦ୍ଧି କରିବା କୁ ଅମଳ ର ୧୦ ଦିନ ପୂର୍ବ ରୁ ଜଳସେଚନ ବନ୍ଦ କରାଯିବା ଦରକାର । ଗ୍ରୀଷ୍ମ ଦିନ ରେ ଫସଲ ଅମଳ ପୂର୍ବ ରୁ ଜଳସେଚନ ର ଆବଶ୍ୟକତା ଥାଏ ।

## କୀଟ ପୋକ ନିୟନ୍ତ୍ରଣ

- ନେମାଟୋଡ଼ ବା ସୂତ୍ରକୃମି କୁ ନିୟନ୍ତ୍ରଣ କରିବା ପାଇଁ ନିମ୍ବ ପାଉଡର ୧-୨ ଗ୍ରା/ ଏକର ପ୍ରତି ପ୍ରୟୋଗ କରାଯାଇଥାଏ । ଚେର ରେ ହେଉଥିବା ରୋଗ କୁ ନିୟନ୍ତ୍ରଣ କରିବା ପାଇଁ ବିହନ କୁ ୧୫- ୨୦ ମିନିଟ ୨ ଲିଟର ଗୋମୂତ୍ର, ୧ କିଗ୍ରା ଟର୍ମାଇଟ ମାଟି, ୧ କିଗ୍ରା ଗାଈ ଗୋବର ପାଣି ରେ ବୁଡାଇ ରଖାଯାଇଥାଏ ।
- ହଳଦିଆ ଓ ନୀଳ ରଙ୍ଗ ର ଅଠାଳିଆ ଟ୍ରାପ ୧୦ ରୁ ୧୫ ଟି ଏକର ପ୍ରତି ମଧ୍ୟ ବ୍ୟବହାର କରାଯାଇଥାଏ, ଯାହା ଦ୍ୱାରା ଶୋଷକ ପୋକ ନିୟନ୍ତ୍ରିତ ହୋଇଥାନ୍ତି ।
- ଟ୍ରାଇକୋଡର୍ମା ର ଅଣ୍ଡା ୨୦, ୦୦୦/ ଏକର ପ୍ରତି ମଧ୍ୟ ବ୍ୟବହାର ହୋଇଥାଏ । ଟ୍ରାପ ଫସଲ ଯେମିତି କି ପିଆଜ, ଗେଣ୍ଡୁ ଆଦି ମଧ୍ୟ ଲଗା ଯାଇଥାଏ ।
- ଫଳ ବିନ୍ଧା ଓ କାଣ୍ଡ ବିନ୍ଧା ପୋକ ନିୟନ୍ତ୍ରଣ ପାଇଁ ନିମାସ୍ତ୍ରାମ ଓ ଆଗ୍ନେୟାସ୍ତ୍ରମ ର ପ୍ରୟୋଗ କରାଯାଇଥାଏ ।
- ୫% NSKE କୁ ପ୍ରତି ୨୦ ଦିନ ବ୍ୟବଧାନ ରେ ସିଞ୍ଚନ କଲେ ଶୋଷକ ପୋକ ର ନିୟନ୍ତ୍ରଣ ହୋଇଥାଏ ।
- ଗଛ ଲଗାଇବା ପର ଠାରୁ ଅମଳ ହେବା ପର୍ଯ୍ୟନ୍ତ ଫେରୋମନ୍ ଟ୍ରାପ୍ ଯନ୍ତ୍ରା ଜମି ମଧ୍ୟ ରେ ରଖିବା ଦ୍ୱାରା ଫଳ ଏବଂ କାଣ୍ଡ ବିନ୍ଧା ପୋକ ନିୟନ୍ତ୍ରଣ ହୋଇଥାଏ ।
- ଗେଣ୍ଡୁ ଚାରା ( ୨୦୦ ପ୍ରତି ଏକର ) କୁ ବାଇଗଣ ଚାରା ମଝିରେ ଲଗାଇବା ଦ୍ୱାରା ମାଟି ଜନିତ ରୋଗ ରୁ ରକ୍ଷା ପାଇ ଥାଏ।

**ଅମଳ** ୧୫- ୨୦ ଟନ / ପ୍ରତି ହେକ୍ଟର ।

## ଲଙ୍କା



**ବୈଜ୍ଞାନିକ ନାମ**: - *Capsicum annuum* L.

**ମୃତ୍ତିକା** : କଳା ମାଟି, ନାଲି ମାଟି, ଜଳସେଚିତ ଫସଲ ପାଇଁ କାଦୁଆ ମାଟି ର ଆବଶ୍ୟକ ହୋଇଥାଏ ।

**ତାପମାତ୍ରା** : ମଧ୍ୟମ ତାପମାତ୍ରା ଆବଶ୍ୟକ ହୋଇଥାଏ ।

**ମୃତ୍ତିକା ପ୍ରସ୍ତୁତି :** ହାଲୁକା ହଳ ଏବଂ ଗଭୀର ହଳ ଆବଶ୍ୟକ ହୋଉଥାଏ ।

**ବିହନ ହାର :** ୬୫୦ ଗ୍ରାମ/ ଏକର ପ୍ରତି ସାଧାରଣ କିସମ ଲାଗି ଏବଂ ୧୦୦-୧୮୦ ଗ୍ରାମ / ଏକର ପ୍ରତି ହାଇବ୍ରିଡ଼ କିସମ ଲାଗି ।

**ବିହନ ବିଶୋଧନ :** ବିହନ କୁ ଟ୍ରାଇକୋଡର୍ମା ଭିରିଡି ୫୬ ଗ୍ରାମ ୧ କେଜି ବିହନ ପ୍ରତି ହାର ରେ ମିଶାଇ ବିଶୋଧନ କରା ଯାଇଥାଏ ।

## ତଳି ଘେରା ପରିଚାଳନା

ଏକ ଶତକଡା (୪୦ ମିଟର) ଜମି ପାଇଁ ଏକ କେଜି ର ନିମ୍ବ ପାଉଡର, ଏଜୋସ୍ପାଇରୁଲମ, ଫସଫରସ ଦ୍ରବୀଭୂତ କରୁ ଥିବା ବ୍ୟାକଟେରିଆ ଓ ଟ୍ରାଇକୋଡର୍ମା ଭିରିଡି ମାଟି ରେ ପ୍ରୟୋଗ କରା ଯାଇଥାଏ । ଉଚ୍ଚା ଶଯ୍ୟା ପ୍ରସ୍ତୁତ କରାଯାଇଥାଏ ଏବଂ ୬ ସପ୍ତାହ ର ଚାରା କୁ ରୋପଣ କରାଯାଇଥାଏ ।

**କିସମ :** G-୩, G-୪, ସିନ୍ଦୂରୀ, କିରାଉ, ଅପର୍ଣ୍ଣା, ଲାମ - ୩୦୫, L- ୩୩୪ ଇତ୍ୟାଦି ।

## ବିହନ ବୁଣିବା ସିଜିନ

ଖରିଫ - ଦରକାର ହୋଇନଥାଏ

ରବି - ଅକ୍ଟୋବର ରୁ ନଭେମ୍ବର

**ବ୍ୟବଧାନ :** ବର୍ଷା ଉପରେ ନିର୍ଭର ଫସଲ ( ରେନ୍ ଫେଡ୍) ପାଇଁ ୬୦ ସେଣ୍ଟିମିଟର × ୧୫ ସେଣ୍ଟିମିଟର ବ୍ୟବଧାନ ଏବଂ ଜଳସେଚନ ଉପରେ ନିର୍ଭର ଫସଲ ପାଇଁ ୬୦ ସେଣ୍ଟିମିଟର × ୬୦ ସେଣ୍ଟିମିଟର ।

## ସମନ୍ୱୀତ ସାର ପରିଚାଳନା

- ୪୫ ଦିନ ପୂର୍ବ ରୁ ଧଣିଚା (ସବୁଜ ଫସଲ ଖେତ) ମାଟି ରେ ମିଶା ଯାଇଥାଏ
- ପୂର୍ବ ରବି ଫସଲ ଭାବରେ ମୁଗ ଏବଂ କଳା ଚଣା ର ମିଶ୍ରଣ ର ବ୍ୟବହାର କରାଯାଇ ଥାଏ
- ୧୦ ଟନ୍/ପ୍ରତି ଏକର FYM, ଏଜୋସ୍ପାଇରୁଲମ - ୨ କେଜି, PSB - ୨ କେଜି, VAM - ୫ କେଜି / ପ୍ରତି ଏକର ପ୍ରୟୋଗ କରାଯାଇଥାଏ
- ୨୫୦୦ କେଜି NADEP କମ୍ପୋଷ୍ଟ ଏକର ପ୍ରତି ପ୍ରୟୋଗ କରାଯାଇଥାଏ
- ରୋପଣ ସମୟ ରେ ଜୀବାମୃତ ୧୨୫ ଲିଟର / ପ୍ରତି ଏକର , ଚାରା ରେ ପ୍ରୟୋଗ କରା ଯାଇଥାଏ
- ଏହି ପ୍ରକ୍ରିୟା କୁ ୩୦ ଦିନ (DAT) ପରେ ପୁଣି ଥରେ କରାଯାଇଥାଏ
- ଜୀବାମୃତ ୨୦୦ ଲିଟର ପରିମାଣ ରେ ୪୦ ଦିନ, ୬୦ ଦିନ, ୮୦ ଦିନ, ୧୦୦ ଦିନ ( DAT) ରେ ପ୍ରୟୋଗ କରା ଯାଇଥାଏ

## ସମନ୍ୱୀତ କୀଟ ପୋକ ନିୟନ୍ତ୍ରଣ / ପରିଚାଳନା

- ରୋପଣ ପୂର୍ବ ରୁ ଚାରା ର ଚେର କୁ ବୀଜାମୃତ ରେ ବୁଡ଼ା ଯାଇ ଥାଏ ।
- ତିନି ଧାଡି ଅନ୍ୟ ଶସ୍ୟ ଯେମିତିକି ମକା, ଧାନ, ଯଅ, ବାଜରା, ଆଦି ଲଗା ଯାଇଥାଏ ।
- ଟ୍ରାପ ଶସ୍ୟ ଯେମିତି କି ଗେଣ୍ଡୁ, ପିଆଜ ଓ ଧନିଆ ଆଦି ଶୋଷକ ପୋକ ମାନଙ୍କ ନିୟନ୍ତ୍ରଣ ଲାଗି ଲଗା

ଯାଇଥାଏ ।

- ଧାତୁରା ଗଛ ର ପତ୍ର ର ଅର୍କ କୁ ଜଉ ପୋକ ନିୟନ୍ତ୍ରଣ ଲାଗି ସିଞ୍ଚନ କରା ଯାଇଥାଏ ।
- ୧୦ ରୁ ୧୨ ଟି ଜଡ଼ା ଗଛ ଏକର ପ୍ରତି ଲଗାଇବା ଦ୍ୱାରା ଫଳ ବିନ୍ଧା ପୋକ ନିୟନ୍ତ୍ରଣ ହୋଇଥାଏ ।
- ହଳଦିଆ ଏବଂ ନୀଳ ରଙ୍ଗ ର ଅଠାଳିଆ ଟ୍ରାପ ର ବ୍ୟବହାର ଧଳା ମାଛି ଙ୍କ ନିୟନ୍ତ୍ରଣ ଲାଗି କରା ଯାଇଥାଏ।
- ସ୍ପୋଡୋପେଟ୍ରା (ପତ୍ର କଟା ପୋକ) ଓ ହେଲିକୋଭେରପା ପୋକ ର ନିୟନ୍ତ୍ରଣ ଲାଗି ଫେରୋମୋନ ଟ୍ରାପ୍ ର ବ୍ୟବହାର କରାଯାଇଥାଏ ଏବଂ ପଞ୍ଚାଗଭ୍ୟ କୁ ପ୍ରତି ୧୫ ଦିନ ବ୍ୟବଧାନ ରେ ସିଞ୍ଚନ କରା ଯାଇଥାଏ, ଯାହାଦ୍ୱାରା ଶୋଷକ ପୋକ ଙ୍କ ପରିମାଣ ହ୍ରାସ ପାଇଥାଏ ।
- ଫସଲ ର ଆଖ ପାଖ ରେ ଘାସ ବା ଅନାବନା ଗଛ ମାନଙ୍କୁ ବଛା ଯାଇ ପରିଷ୍କାର କରିବା ଦରକାର । ଧଳା ମାଛି ଏବଂ ବଣୁଆ ମାଛି ଙ୍କ ନିୟନ୍ତ୍ରଣ ପାଇଁ ୫% NSKE ର ପ୍ରୟୋଗ କରାଯାଇଥାଏ ।
- ଗୋବର + ଗୋମୂତ୍ର + ଇଙ୍ଗୁଆ ର ମିଶ୍ରଣ ର ପ୍ରୟୋଗ ଥ୍ରୀପ୍ସ ପୋକ ନିୟନ୍ତ୍ରଣ କରି ଥାଏ ।
- ଟ୍ରାଇକୋଡର୍ମା କାର୍ଡସ ୫ ଟି ଲେଖାଁ ଏକର ପ୍ରତି ବ୍ୟବହାର କରାଯାଇଥାଏ ।

### ସମନ୍ୱିତ ରୋଗ ନିୟନ୍ତ୍ରଣ

- ବ୍ୟାକଟେରିଆ ଜନିତ ପତ୍ର ପୋଡା ରୋଗ ର ନିୟନ୍ତ୍ରଣ ପାଇଁ ୬ ଲିଟର ବଟର ଯୁକ୍ତ କ୍ଷୀର ରେ ୧୦୦ ଲିଟର ପାଣି ମିଶାଇ ସିଞ୍ଚନ କରା ଯାଇଥାଏ ।
- କାଣ୍ଡ ଏବଂ ଫଳ ସଢା ରୋଗ ପାଇଁ ଆଲୋଭେରା ଓ ଆତ ପତ୍ର ର ମିଶ୍ରଣ କୁ ୧୦ ଦିନ ବ୍ୟବଧାନ ରେ ୨ ଥର ସିଞ୍ଚନ କରାଯାଇଥାଏ ।

### ଲଙ୍କା ଅମଳ

ହେକ୍ଟର ପ୍ରତି ୧୫ - ୨୦ ଟନ୍ ଲଙ୍କା ।

## କଖାରୁ

**ବୈଜ୍ଞାନିକ ନାମ :** *Cucurbita pepo* L.

**କିସମ :** କୋ ସିରିଜ୍ ( ୧ ଓ ୨), ଅର୍କ ସୂର୍ଯ୍ୟମୂଖୀ ଓ ଅର୍କ ଚନ୍ଦନ ।

**ମୃତ୍ତିକା :** ବାଲିଆ ଓ ଜୈବିକ ପଦାର୍ଥ ରେ ଭରପୂର ମୃତ୍ତିକା କଖାରୁ ପାଇଁ ଉପଯୋଗୀ ହୋଇଥାଏ |

PH ୬. ୫ ରୁ ୭. ୫ ମଧ ରେ ଥାଏ ।

**ସିଜିନ୍ :** ଜୁନ ରୁ ଜୁଲାଇ, ଡ଼ିସେମ୍ବର ରୁ ଜାନୁଆରୀ ମାସ କଖାରୁ ଫସଲ ପାଇଁ ଅନୁକୂଳ ହୋଇଥାଏ |

ବିହନ ହାର ହେକ୍ଟର ପ୍ରତି ଏକ କିଗ୍ରା ବିହନ ଆବଶ୍ୟକ ହୋଇଥାଏ ।

**ବିହନ ବିଶୋଧନ :** ୩୦ ଦିନ ଯାଏଁ ବିହନକୁ ପାଣିରେ (୧:୨ ଅନୁପାତ ରେ) ଭିଜାଇ ରଖାଯାଇଥାଏ ଏବଂ ୬ ଦିନ ଇନକ୍ୟୁବେସନ୍ ପାଇଁ ରଖାଯାଏ, ବିହନ କୁ ବୁଣିବା ପୂର୍ବ ରୁ ସେଥିରେ ଏଜୋସ୍ପିରୁଲମ ପ୍ରୟୋଗ କରାଯାଇଥାଏ।



**ବିହନ ବୁଣା :** ଗୋଟିଏ ମନ୍ଦା ରେ ୫ ଟି ଲେଖାଁ ମଞ୍ଜି ବୁଣା ଯାଇଥାଏ ଏବଂ ୧୫ ଦିନ ପରେ ପ୍ରତି ମନ୍ଦା ରେ ୨ ଟି ଲେଖାଁ ଚାରା ରୋପଣ କରାଯାଇଥାଏ ।

**ବ୍ୟବଧାନ:** ୨×୨ (ମିଟର ରେ) ମନ୍ଦା (ପିଟ୍) ର ଆକାର ୩୦×୩୦×୩୦ (ସେଣ୍ଟିମିଟର) ।

**ସାର ର ମାତ୍ରା :** ୨୫ ଟନ୍/ପ୍ରତି ହେକ୍ଟର FYM ବ୍ୟବହାର କରାଯାଇ ଥାଏ । କ୍ଷେତ ରେ ଶେଷ ଥର ହଳ କରିବା ପୂର୍ବ ରୁ ଏଜୋସ୍ପିରୁଲମ ଓ ପୋଟାସିୟମ ଦ୍ରବୀଭୂତ କରୁଥିବା ବ୍ୟାକଟେରିଆ (PSB) ୨ କେଜି/ହେକ୍ଟର ପ୍ରତି ଓ ସିଉଡୋମୋନାସ୍ ୨. ୫ କେଜି/ହେକ୍ଟର ପ୍ରତି, ୫୦ କେଜି FYM ଓ ୧୦୦ କେଜି ନିମ୍ବ କେକ୍ ସହ ମିଶାଇ କ୍ଷେତ ରେ ବ୍ୟବହାର କରାଯାଏ ।

## ଜମି ମଧ୍ୟ ରେ ହେଉଥିବା ଅନ୍ୟାନ୍ୟ ପ୍ରଣାଳୀ

ତୃଣ ବା ଅନାବନା ଘାସ ଗଛ କୁ ତିନିଥର ସଫା କରାଯାଇଥାଏ । ଇଥ୍ରେଲ ୦. ୨୫ ମିଲିଲିଟର / ଲିଟର ପ୍ରତି ପାଣି ରେ ମିଶାଇ ୪ ଥର ସାପ୍ତାହିକ ବ୍ୟବଧାନ ରେ ବିହନ ବୁଣିବା ର ୧୫ ଦିନ ପରେ ବ୍ୟବହାର କରାଯାଇଥାଏ ।

## ଜାଲ ମଧ୍ୟ ରେ ତଳି ଘେରା ବୃଦ୍ଧି

- ହାଇ - ଟେକ୍ ଉଦ୍ୟାନ କୃଷି ପାଇଁ ତଳି ଘେରା ରୁ ୧୨ ଦିନ ର ସୁସ୍ଥ ଚାରା ମାନଙ୍କୁ ଲଗାଯାଇଥାଏ ।
- ଚାରା ଗୁଡିକୁ ୯୮ ଟି ସେଲ୍ ଥିବା ପୋଟ୍ ଟ୍ରେ ରେ ଲଗାଯାଇଥାଏ ।
- ଭଲ ଭାବେ ରେ କମ୍ପୋଜ୍ ହୋଇଥିବା କୋକୋ ପିଟ୍ କୁ ମାଧ୍ୟମ ଭାବେ ବ୍ୟବହାର କରାଯାଇଥାଏ ।
- ପ୍ରତି ସେଲ୍ ରେ ୧ ଟି ଲେଖାଁ ମଞ୍ଜି ପୋତା ଯାଇଥାଏ | ଦିନ କୁ ଦୁଇ ଥର ପାଣି ଦିଆଯାଇଥାଏ ।
- ନଷ୍ଟ ହୋଇଯାଇ ଥିବା ଫଳ ମାନଙ୍କୁ ବାହାର କରିଦିଆ ଯାଇଥାଏ ।

- ମାଛି ମାନଙ୍କ ର ସଂଖ୍ୟା ଗରମ ଦିନେ କମ୍ ଏବଂ ବର୍ଷା ଦିନେ ଅଧିକ ରହି ଥାଏ, ସେହି ହିସାବ ରେ ବିହନ ବୁଣିବା ସମୟ ଧାର୍ଯ୍ୟ କରାଯାଇଥାଏ ।
- କ୍ଷେତ କୁ ହଳ କରିବା ଦ୍ୱାରା କୀଟ ପତଙ୍ଗ ନଷ୍ଟ ହୋଇଥାନ୍ତି ।
- ଆବଶ୍ୟକତା ଅନୁଯାୟୀ ୩. 0% ନିମ୍ବ ତେଲ କୁ ପତ୍ର ରେ ସିଞ୍ଚନ କରାଯାଇଥାଏ ।

**ରୋଗ**

**ପାଉଁଶିଆ ରୋଗ (ପାଉଡରି ମିଲଡ଼ିଉ)**

ଗୋଟେ ଚାମଚ ବେକିଂ ସୋଡ଼ା ଅଧା ଚାମଚ ଡିଟେରଜେଣ୍ଟ ନ ଥିବା ତରଳ ସାବୁନ କୁ ଏକ ଗ୍ୟାଲନ ପାଣି ରେ ମିଶାଇ ଗଛ ରେ ଉପଚାରିକ ଭାବେ ସିଞ୍ଚନ କରାଯାଇଥାଏ ।

**ପତ୍ର ପୋଡା ରୋଗ (ଡାଉନି ମିଲଡିଉ)**

ନିମ୍ବ ତେଲ ୨୫ ରୁ ୩0 ମିଲିଲିଟର କୁ ୧ ଲିଟର ଇମଲିଫାୟାର ସହ ମିଶାଇ ୧0 ଦିନ ବ୍ୟବଧାନ ରେ ୨ ଥର ଲେଖାଁ ସିଞ୍ଚନ କରିବା ଦ୍ୱାରା ଏହି ରୋଗ କୁ ନିୟନ୍ତ୍ରଣ କରାଯାଇପାରେ ।

## କନ୍ଦମୂଳ

**ବୈଜ୍ଞାନିକ ନାମ :** *Ipomoea batatas* L

**ଉପଯୁକ୍ତ କିସମ :**

ଲୋକପ୍ରିୟ କିସମ ଗୁଡିକ ମଧ ରେ ଶ୍ରୀ ବର୍ଦ୍ଧନୀ, କିରଣ, ଶ୍ରୀ ନନ୍ଦିନୀ, ଶ୍ରୀ ଭଦ୍ରା, ଗୌରୀ ଓ କୋ - ୩ ଆଦି ।

ସ୍ଥାନୀୟ କିସମ ଗୁଡିକ ମଧ ରେ - ମୁସିରି ଥଣ୍ଡେଲ, SP- ୪, SP-ଲୋକାଲ, SP-୧୩ ଓ SP-୧୮ ଇତ୍ୟାଦି ।

**ମୃତ୍ତିକା :** ଉଷ୍ମ ଏବଂ ଆର୍ଦ୍ର ଓ ସାମାନ୍ୟ ଅମ୍ଳୀୟ ମୃତ୍ତିକା (PH - ୫. ୬ ରୁ ୬. ୬) କନ୍ଦମୂଳ ଚାଷ ପାଇଁ ଉପଯୁକ୍ତ ଅଟେ ।



**ସିଜିନ** : ଖରିଫ ସିଜିନ - ଜୁଲାଇ ରୁ ସେପ୍ଟେମ୍ବର ମଧ୍ୟ ରେ ଉପଯୁକ୍ତ ।

### ଜମି ପ୍ରସ୍ତୁତି

ଚାଷ ଜମି କୁ ୩୦ ସେଣ୍ଟିମିଟର ମାଟି ର ଗଭୀରତା ପର୍ଯ୍ୟନ୍ତ ପ୍ରସ୍ତୁତ କରାଯାଇଥାଏ ।

ହୁଡ଼ା ଏବଂ ଶିଆର ୬୦ ସେଣ୍ଟିମିଟର ଦୂରତା ରେ ପ୍ରସ୍ତୁତ କରାଯାଇଥାଏ ।

ଶଯ୍ୟା ପ୍ରସ୍ତୁତ କରା ଯାଇ ମଧ୍ୟ ବିହନ ବୁଣା ଯାଇପାରିବ ।

### ରୋପଣ ସାମଗ୍ରୀ

କନ୍ଦମୂଳ ଗଛ ଲଗାଇବା ପାଇଁ ଚାରା ଗୁଚ୍ଛ ରୁ ଗଣ୍ଠି ମାନଙ୍କୁ କାଟି ଲଗାଯାଇଥାଏ ।

୩ ମାସ ର ପରିପକ୍ୱ ଚେର ଗୁଚ୍ଛ ଯାହାର ଲମ୍ବ ୧୦- ୧୫ ସେଣ୍ଟିମିଟର ମଧ୍ୟ ରେ ଥାଏ ସେଥିରୁ ୨ ରୁ ୩ ଟି ନୋଡ୍ ବା ଗଣ୍ଠି କୁ ସଂଗ୍ରହ କରାଯାଇଥାଏ ଏବଂ ଏଜୋସ୍ପିରୁଲମ (୪୦୦ ଗ୍ରାମ) ଓ ପାଣି ର ମିଶ୍ରଣ ରେ ଭିଜାଇ ଦିଆଯାଇଥାଏ।

**ଚାରା ରୋପଣ :** ୮୦, ୦୦୦ ଗଣ୍ଠି ପ୍ରତି ହେକ୍ଟର ପିଛା ୨୦ ସେଣ୍ଟିମିଟର ବ୍ୟବଧାନ ରେ ଲଗାଯାଇଥାଏ ।

**ଜଳସେଚନ :** ଚାରା ରୋପଣ ପୂର୍ବ ରୁ ଜଳସେଚନ କରାଯାଇଥାଏ ।

୩ ଥର ରୋପଣ ପରେ ଏବଂ ତା ପରେ ସପ୍ତାହ କୁ ଥରେ ଜଳସେଚନ କରାଯାଇଥାଏ । ଅମଳ ର ଠିକ୍ ୭ ଦିନ ପୂର୍ବରୁ ଜଳସେଚନ ବନ୍ଦ କରିଦିଆଯାଇଥାଏ ।

**ସାର ର ପ୍ରୟୋଗ :** FYM ୨୫ ଟନ୍ ହେକ୍ଟର ପ୍ରତି ଓ ଏଜୋସ୍ପିରୁଲମ ୨୫ କେଜି ହେକ୍ଟର ପ୍ରୟୋଗ କରାଯାଇ ଥାଏ।

**ଅନ୍ତଃ ପ୍ରଣାଳୀ :** ଚେର ଗୁଚ୍ଛା ରେ ଗଣ୍ଠି ମାନ ସମ୍ପୂର୍ଣ ରୂପେ ବିକଶିତ ନ ହେବା ପର୍ଯ୍ୟନ୍ତ ଜମି କୁ ତୃଣ ମୁକ୍ତ ରଖିବା କୁ ହୋଇଥାଏ । ରୋପଣ ର ୨୫ ଦିନ ବ୍ୟବଧାନ ରେ ମାଟି କୁ ଖୋସାଇବା କୁ ହୋଇଥାଏ ଏବଂ ରୋପଣ ର ୫୦ ରୁ ୭୫ ଦିନ ପର୍ଯ୍ୟନ୍ତ ଛାଡି ଦିଆଯାଇଥାଏ ।

### ସୁରକ୍ଷା ବ୍ୟବସ୍ଥା

#### କୀଟ ନାଶକ :

କନ୍ଦମୂଳର କ୍ଷତିକାରକ କୀଟ ମାନଙ୍କୁ ପ୍ରତିହତ କରିବା ର ଉପାୟ -

- ପୂର୍ବ ଫସଲ ର ଅବଶିଷ୍ଟାଂଶ କୁ ଅପସରଣ କରିବା ଏବଂ ବିକଳ୍ପ ହୋଷ୍ଟ ( ଉଦାହରଣ : ଇପୋମୋଇ ଏସ. ପି) କୁ ନଷ୍ଟ କରିବା ଦରକାର ।
- ସୁସ୍ଥ ଗଣ୍ଠି ମାନଙ୍କୁ ରୋପଣ କରାଯିବା ଦରକାର ।
- ରୋପଣ ର ୫୦ ଦିନ ପରେ ମାଟି କୁ ଖୋସାଇ ମନ୍ଦା ପ୍ରସ୍ତୁତ କରିବା ଦରକାର ।
- ଶସ୍ୟ ପାଚିଲା ହୋଇଆସିଲେ ତୁରନ୍ତ ଅମଳ କରାଯିବା ଦରକାର ଏବଂ ଫସଲ ର ଅବଶିଷ୍ଟାଂଶ କୁ ନଷ୍ଟ କରିଦେବା ଦରକାର ।

**ରୋଗ**

**ସଫ୍ଟ ରଟ୍ ବା ସଢା ରୋଗ** ସଢା ରୋଗ ନିୟନ୍ତ୍ରଣ ପାଇଁ ବିହନ କୁ ଟ୍ରାଇକୋଡେରମା ୫ ଗ୍ରାମ ପ୍ରତି ଏକ କେଜି ବିହନ ହିସାବ ରେ ମିଶାଇ ବିଶୋଧନ କରାଯାଇଥାଏ ଓ ଟ୍ରାଇକୋଡେର୍ମା କୁ FYM ସହ ମିଶାଇ ମୁଖ୍ୟ କ୍ଷେତ ରେ ପ୍ରୟୋଗ କରାଯାଇଥାଏ ।

**ଅମଳ :** ୧୦ ରୁ ୧୨ ଟନ୍ ହେକ୍ଟର ପ୍ରତି ରୋପଣ ର ୧୧୦ ରୁ ୧୨୦ ଦିନ ରେ ଅମଳ ହୋଇଥାଏ ।

## ହଳଦୀ



**ବୈଜ୍ଞାନିକ ନାମ :** *Curcuma longa* L

ଏହାକୁ ଭାରତୀୟ କେଶର ମଧ କୁହାଯାଇଥାଏ ।

**ଫ୍ୟାମେଲି** : ଜିଞ୍ଜିବେରାସି

**ମୂଳ ଉତ୍ପତ୍ତି :** ଦକ୍ଷିଣ - ପୂର୍ବ - ଏସିଆ

**ଜଳବାୟୁ :** ଆର୍ଦ୍ର ( ୧୨୦୦ MSL),୧୫୦୦ ମି.ମି ବର୍ଷା ଏବଂ ୨୦ ରୁ ୩୦ °c ତାପମାତ୍ରା ର ଆବଶ୍ୟକ ହୋଇଥାଏ ।

**ମୃତ୍ତିକା :** ବାଲିଆ ଦୋରସା ମାଟି ଏବଂ ନାଲି ମାଟି ଆବଶ୍ୟକ ହୋଇଥାଏ । pH - ୫ ରୁ ୭. ୫ ମଧ ରେ ଥାଏ ।

**ବଫର ଜୋନ୍ :** ଅଣ - ଜୈବିକ କ୍ଷେତ ରୁ ୨୫ - ୫୦ଫୁଟ୍ ।

**ରୂପାନ୍ତର ଅବଧି :** ୨ ବର୍ଷ

**କିସମ :** ଉପଯୁକ୍ତ ଜୈବିକ ହଳଦୀ ଉତ୍ପାଦନ ପାଇଁ ଉପଯୁକ୍ତ କିସମ ର ହଳଦୀ ଚୟନ କରିବା ଜରୁରୀ ଅଟେ ସେହି କିସମ ଗୁଡିକ କୀଟ ରୋଗ ଏବଂ ନେମାଟୋଡ଼ ର ପ୍ରତିରୋଧକ ହୋଇଥିବା ଜରୁରୀ ।

**IISR କିସମ :** କ୍ରିଷ୍ଣା, ସୁବର୍ଣ୍ଣା, ସୁଗୁଣା, ସୁଦର୍ଶନ, ରାଜେନ୍ଦ୍ର ସୋନିଆ ଆଦି ।

**ଓଡିଶା ର କିସମ :** ରଙ୍ଗ, ରଶ୍ମି, ରୋମା, ସୁରମା (OUAT ଦ୍ୱାରା ରିଲିଜ୍ ହୋଇଥିବା କିସମ) ।

**ବିହନ ହାର :** ମୂଳ ରାଇଜୋମ୍ ବା ଶାଖା ରାଇଜୋମ୍ ୧୨- ୧୫ ଣ / ପ୍ରତି ହେକ୍ଟର ।

**ବିହନ ବିଶୋଧନ**

ଟ୍ରାଇକୋଡେରମା ହର୍ଜିଆନମ /ଟ୍ରାଇକୋଡେରମା ଭିରିଡି ୫ ଗ୍ରାମ / ପ୍ରତି ୧ କେଜି ରାଇଜୋମ୍ ସହ ମିଶାଇ ୩୦ ମିନିଟ ରଖାଯାଇଥାଏ , ସଂଚୟ କରିବା ସମୟ ରେ ବା ରୋପଣ କରିବା ସମୟ ରେ ବୀଜାମୃତ ଓ ଜୀବାମୃତ ର ମଧ

ପ୍ରୟୋଗ କରିଯାଇ ପାରିବ ।



ସ୍ଥାନୀୟ ବିହନ ର ବିଶୋଧନ ଓଡିଶା ରେ ସାଧାରଣତଃ - ୧ ଲିଟର ଗୋମୂତ୍ର, ୧୦୦ ମିଲିଲିଟର ନିମ୍ବ ତେଲ ଓ ୫ ଲିଟର ପାଣି ର ଏକ ମିଶ୍ରଣ ରେ ୧୦ କେଜି ବିହନ କୁ ଭିଜାଇ ୩୦ ମିନିଟ ପର୍ଯ୍ୟନ୍ତ ରଖାଯାଇଥାଏ ।

**ଜମି ପ୍ରସ୍ତୁତି :**

୨୦ ରୁ ୩୦ ସେଣ୍ଟିମିଟର ଗଭୀରତା ରେ ୨- ୩ ଥର ହରୋଇଙ୍ଗ କରାଯାଇଥାଏ ।

**ବିହନ ବୁଣିବା ର ସମୟ :** ଅପ୍ରେଲ ରୁ ମେ ମାସ ।

**ବ୍ୟବଧାନ :**

୩୦ ସେଣ୍ଟିମିଟର × ୧୫ ସେଣ୍ଟିମିଟର କିମ୍ବା ୩୦ ସେଣ୍ଟିମିଟର × ୨୦ ସେଣ୍ଟିମିଟର (ଶଯ୍ୟା ରେ), ୪୦- ୬୦ ସେଣ୍ଟିମିଟର × ୨୫ ସେଣ୍ଟିମିଟର (ହିଡ଼ ଏବଂ ଶିଆର ରେ) ଓ ୫୦ ସେଣ୍ଟିମିଟର × ୧୫ ସେଣ୍ଟିମିଟର (ସମତଳ ପ୍ରଣାଳୀ ରେ) ।

**ରୋପଣ**

ସୁସ୍ଥ ହଳଦୀ ର ରାଇଜୋମ୍ କୁ ବିହନ ଭାବେ ବ୍ୟବହାର କରାଯାଇଥାଏ । ପ୍ରୋ - ଟ୍ରେ ରେ ଅଂଶିକ ଡିକମ୍ପୋଜ ହୋଇଥିବା କୋଏର - ପିଟ୍ ଓ ଭର୍ମିକମ୍ପୋଷ୍ଟ କୁ ୭୫ ଓ ୨୫ ଅନୁପାତ ରେ ଭରି ହଳଦୀ ର ରାଇଜୋମ୍



କୁ ଲଗାଯାଇଥାଏ। ସେହିଥିରେ ଗଛ ବଢିବା ରେ ସାହାଯ୍ୟ କରୁଥିବା ରାଇଜୋ ବ୍ୟାକଟେରିଆ କିମ୍ବା ଟ୍ରାଇକୋଡେରମା (୧୦ ଗ୍ରାମ / କେଜି ପ୍ରତି) ମିଶ୍ରଣ କୁ ଦିଆଯାଇଥାଏ।

**ଖତ**

- ୪୫ ଦିନ ବ୍ୟବଧାନ ରେ ଖତ ପ୍ରୟୋଗ କରାଯାଇଥାଏ | ଖତ କୁ ୪୦ ଟନ୍ FYM, ୫ ରୁ ୧୦ ଟନ୍ ।
- ଭର୍ମିକମ୍ପୋଷ୍ଟ ପ୍ରତି ହେକ୍ଟର ପ୍ରତି ଏବଂ ୧୨ ରୁ ୧୫ ଟନ୍ ସବୁଜ ପତ୍ର (ହେକ୍ଟର ପ୍ରତି )କୁ ମିଶାଇ ପ୍ରସ୍ତୁତ କରାଯାଇଥାଏ।
- ୨ ଟନ୍ / ହେକ୍ଟର ପ୍ରତି ତେଲ କେକ୍ ମଧ ବ୍ୟବହାର କରାଯାଇ ପାରିବ।
- ଏହା ପରାମର୍ଶ କରାଯାଇ ଅଛି ଯେ - ହେକ୍ଟର ପ୍ରତି ୨. ୫ ଟନ୍ FYM, ଏଜୋସ୍ପିରୁଲମ୍, ନିମ୍ବ କେକ୍ ୨ ଟନ୍ , କମ୍ପୋଷ୍ଟ କୋଏର ପିଟ୍ ୫ ଟନ୍ ଓ PSB ମିଶାଇ ବ୍ୟବହାର କରିବା ଦ୍ୱାରା ମୃତ୍ତିକା ର ଗୁଣବତ୍ତା ଓ ସ୍ୱାସ୍ଥ୍ୟ ବୃଦ୍ଧି କରିଥାଏ। ଏହା ସହ ଅମଳ ବୃଦ୍ଧି ମଧ ହୋଇଥାଏ।

**ପ୍ରୟୋଗ ର ପଦ୍ଧତି :** ସାର କୁ ରୋପଣ ପୂର୍ବ ରୁ ମାଟି ରେ ମିଶାଯାଇ ଥାଏ।

**ଜଳସେଚନ :** ୧୫ ରୁ ୪୦ ଦିନ ଜଳସେଚନ ର ଆବଶ୍ୟକ ହୋଇଥାଏ ୭ ରୁ ୧୦ ଦିନ ବ୍ୟବଧାନ ରେ।

**ମୋଲଚିଙ୍ଗ୍ :** ସବୁଜ ପତ୍ର ୧୦ ରୁ ୧୨ ଟନ୍ ହେକ୍ଟର ପ୍ରତି, ଡାଲି ଜାତୀୟ ଶସ୍ୟ, ହରିତ ମଞ୍ଜରୀ ଗଛ କିମ୍ବା ଅରଖ ଗଛ ଆଦି ଉପରେ ଗୋବର କୁ ମୋଲଚିଙ୍ଗ୍ କରିବା ଦ୍ୱାରା ଅଣୁଜୀବ ମାନଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇଥାଏ।

**ଘାସ ଦମନ :** ଚାରା ରୋପଣ ହେବା ର ୬୦ ଦିନ ପର୍ଯ୍ୟନ୍ତ ୩ ରୁ ୪ ଥର ଘାସ ବା ତୃଣ କୁ ୩୦ ଦିନ ବ୍ୟବଧାନ ରେ ସଫା କରାଯାଇଥାଏ।

**ଯତ୍ନ :** ମାଟି କୁ ୩୦ ଦିନ ରୋପଣ ପରେ ଖୋସାଇ ବା କୁ ହୋଇଥାଏ ଏବଂ ତା' ପରେ ୫୦ -୬୦ ଦିନ ପରେ ଯାଇ ମାଟି ଖୋସା ଯାଇଥାଏ।

**ଜମି ମଧ ରେ ଅନନ୍ୟା ଚାଷ :** ମକା, ଲଙ୍କା, ପିଆଜ, ଲିଚୁ, ମାଣ୍ଡିଆ, ଗହମ, ଡାଲି, ପନିପରିବା ଆଦି ଲଗା ଯାଇ ପାରିବ।





**ଗଛ ର ସୁରକ୍ଷା** :

### ଲିଫ୍ ବ୍ଲଚ ରୋଗ ବା ପତ୍ର ପୋଡା ରୋଗ ଓ ରାଇଜୋମ୍ କିମ୍ବା ଚେର ସଢା ରୋଗ

ସୁସ୍ଥ ରାଇଜୋମ୍ ର ଚାରା ପ୍ରସ୍ତୁତ କରିବା ଦ୍ୱାରା ଏହି ରୋଗ କୁ ନିୟନ୍ତ୍ରଣ କରାଯାଇପାରେ । ଟ୍ରାଇକୋଡେରମା ସହ ନିମ୍ବ କେକ୍ ଏକ କେଜି / ଶଯ୍ୟା ପ୍ରତି ପ୍ରୟୋଗ କରାଯାଇଥାଏ ।

୦.୫% ନିମ୍ବ ଗୋଲ୍ଡ କିମ୍ବା ୦.୫% ନିମ୍ବ ତେଲ କାଣ୍ଡ ବିନ୍ଧା ରୋଗ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇଥାଏ । ଏହାର ସିଞ୍ଚନ ଜୁଲାଇ ରୁ ଆକ୍ଟୋବର ମଧ ରେ ୨୧ ଦିନ ବ୍ୟବଧାନ ରେ କରିବା ଉଚିତ ।

ନେମାଟୋଡ଼ ର ସଂଖ୍ୟା କୁ ନିୟନ୍ତ୍ରଣ କରିବା ପାଇଁ ନିମ୍ବ କେକ୍ ସହିତ ପୋକୋନିଆ କ୍ଲାମାଇଡୋସ୍ପୋରିଆ ପରି ୱୟୋଏଜେଣ୍ଟ ଲାଭଦାୟକ ହୋଇଥାଏ ।

**ଅମଳ :** ୮ ମାସ ପରେ ଯେତେ ବେଳେ ପତ୍ର ହଳଦିଆ ହୋଇଯାଏ ସେତେବେଳେ ଅମଳ କରାଯାଇଥାଏ ।

**ଅମଳ ର ପରିମାଣ :** ୨୦, ୦୦୦ ରୁ ୨୦,୦୦୦ କେଜି / ହେକ୍ଟର ପ୍ରତି ଅମଳ ହୋଇଥାଏ ।

## ଅଦା



**ବୈଜ୍ଞାନିକ ନାମ :** *Zingiber officinale* Roscoe.

**ଫ୍ୟାମେଲି :** ଜିଙ୍ଗିବେରାସି

**ଜଳବାୟୁ :** ୧୫୦୦ MSL, ୨୮-୩୦°c ତାପମାତ୍ରା ଅଦା ଫସଲ ପାଇଁ ଉପଯୁକ୍ତ ହେଇଥାଏ ।

**ବଫର ଜୋନ୍ :** ୨୫ - ୫୦ ଫୁଟ୍

**କିସମ :** ଚାଇନା, ରିଓ - ଡି -ଜେନେରିଓ, ରେଜାଥା ମାରନ୍, ହିମାଚଳ, ଆସାମ, କୁରୁପାମ୍ପାଡି, ୱିନାଡ୍ ଲୋକାଲ, ହିମଗିରି, ଭରଡା, ମହିମା ।

**OUAT ଦ୍ୱାରା ରିଲିଜ୍ ହୋଇଥିବା କିସମ :** ସୁପ୍ରଭା, ସୁରୁଚି, ସୁରଭି

**ବିହନ ହାର :** ୬୦୦ - ୧୦୦୦ କେଜି ମଞ୍ଜି ବା ରାଇଜୋମ୍ ଏକର ପ୍ରତି ।

**ବିହନ ବିଶୋଧନ :** ୧ କେଜି ଗାଈ ଗୋବର ଖତ, ୧୦ ଗ୍ରାମ୍ ଟ୍ରାଇକୋଡେରମା ର ମିଶ୍ରଣ ରେ ବିହନ ର ବିଶୋଧନ କରାଯାଇଥାଏ ।

**ଜମି ପ୍ରସ୍ତୁତି :** ହଳ ୪ ରୁ ୫ ଥର କରାଯାଇଥାଏ ଏବଂ ୨୫ ଗ୍ରାମ୍ ନିମ୍ବ କେକ୍ ର ପାଉଡର ମନ୍ଦା ପ୍ରତି ବ୍ୟବହାର କରାଯାଇଥାଏ ।

**ବିହନ ବୁଣିବା ର ସମୟ :** ଅପ୍ରେଲ ରୁ ମେ ମଧ ରେ ବିହନ ଲଗା ଯାଇଥାଏ ।

**ବ୍ୟବଧାନ :** ପ୍ରତି ଧାଡି ମଧ ରେ ବ୍ୟବଧାନ ୨୫ ସେଣ୍ଟିମିଟର ରଖା ଯାଇଥାଏ ଏବଂ ପ୍ରତି ହୁଡ଼ା ମଧ ରେ ୪0- ୪୫ ସେଣ୍ଟିମିଟର ବ୍ୟବଧାନ ରଖାଯାଇଥାଏ ।

**ଖତ :** ହେକ୍ଟର ପ୍ରତି FYM ୧0 ରୁ ୧୨ ଟନ୍ ଓ ଭର୍ମିକମ୍ପୋଷ୍ଟ ୫ ଟନ୍ ଏବଂ ୨ ଟନ୍ ନିମ୍ବ କେକ୍ ସହ ମଲଚିଂ କରାଯାଇଥାଏ।

**ପ୍ରୟୋଗ ର ପଦ୍ଧତି :** ଜମି ପ୍ରସ୍ତୁତି ସମୟ ରେ ସେହି ଖତ କୁ ମାଟି ରେ ମିଶା ଯାଇଥାଏ ।

**ଅନ୍ୟାନ୍ୟ ଫସଲ ର ଚାଷ ବା କ୍ରପ୍ ରୋଟେସନ୍ :**

ଅଦା, କଦଳୀ, ଡାଲି ଜାତୀୟ ଫସଲ, ପନିପରିବା ଆଦି ଚାଷ ସେହି ଜମି ରେ କରାଯାଇ ପାରିବ ।

**ଜଳସେଚନ** ୪ ରୁ ୧0 ଦିନ ବ୍ୟବଧାନ ରେ ଜଳସେଚନ କରାଯାଇଥାଏ ।

**ମଲଚିଂ :** ସବୁଜ ପତ୍ର ୧୨ ରୁ ୧୫ ଟନ୍ ହେକ୍ଟର ପ୍ରତି ୪୫ ଦିନ ବ୍ୟବଧାନ ରେ ମଲଚିଂ କରାଯାଇଥାଏ ।

**ଘାସ ଦମନ :** ତୃଣ ବା ଘାସ ସବୁ ଦୁଇ ଥର ବଛା ଯାଇଥାଏ ।

**ଗଛ ର ସୁରକ୍ଷା ପାଇଁ ପଦକ୍ଷେପ**

**କାଣ୍ଡ ବିନ୍ଧା ପୋକ**

କାଣ୍ଡ ବିନ୍ଧା ପୋକ ର ନିୟନ୍ତ୍ରଣ ଲାଗି ନିମ୍ବଗୋଲ୍ଡ଼ (0. ୫%) କିମ୍ବା ନିମ୍ବ ତେଲ (0. ୫%) ୨୧ ଦିନ ବ୍ୟବଧାନ ରେ ସେପ୍ଟେମ୍ବର ରୁ ଅକ୍ଟୋବର ମାସ ମଧ ରେ ପ୍ରୟୋଗ କରାଯାଇଥାଏ ।



ଡିପେଲ୍ (ବାସିଲସ୍ ଥୁ ରି ଂ ଜେ ନେ ସି ସ୍ ବ୍ୟାକଟେରିଆ ର ଫର୍ମୁଲେସନ) ର ପ୍ରୟୋଗ ଜୁଲାଇ ରୁ ଅକ୍ଟୋବର ମଧ୍ୟ ରେ କରାଯାଇଥାଏ ।



## କନ୍ଦା ସଢା ବା ରାଇଜୋମ୍ ରଟ୍

ବିହନ ଲଗାଇବା ସମୟରେ ସର୍ବଦା ସୁସ୍ଥ ରାଇଜୋମ୍ (କନ୍ଦା) ର ବ୍ୟବହାର କରିବା ଉଚିତ ଏବଂ ବିହନର ବିଶୋଧନ ଟ୍ରାଇକୋଡ଼େର୍ମା ହାରଜୀନମ୍ ଦ୍ୱାରା କରାଯିବା ଦରକାର ଏବଂ ବିହନ ଲଗାଇବା ପୂର୍ବରୁ ପୁଣି ଥରେ ଟ୍ରାଇକୋଡ଼େର୍ମା ଭିରିଡି ଏବଂ ସିଉଡମୋନାସ୍ ଓ ଫ୍ଲୋରୋସେନସ୍ ର ପ୍ରୟୋଗ କରିବା ଦ୍ୱାରା କନ୍ଦା ସଢା ବା ରାଇଜୋମ୍ ରୋଟ୍ ରୋଗ ର ନିୟନ୍ତ୍ରଣ କରାଯାଇ ପାରିବ ।

କ୍ଷେତ ରେ ଟ୍ରାଇକୋଡ଼େର୍ମା ହାରଜୀନମ୍ ସହିତ ନିମ୍ବ କେକ୍ (୧ କେଜି / ମନ୍ଦା ପ୍ରତି) ବ୍ୟବହାର କରିବା ଦ୍ୱାରା ମଧ୍ୟ ଏହି ରୋଗ ର ନିୟନ୍ତ୍ରଣ କରାଯାଇ ପାରିଥାଏ ।

**ଅମଳ** ୧୨ ରୁ ୧୫ ଟନ୍ ଅମଳ ହୋଇଥାଏ ।



ସଂକ୍ରମିତ ଗଛ ଓ ମୂଳକାଣ୍ଡ